## ସଂକ୍ଷେପରେ

### ଭିନ୍ନକ୍ଷମ ଭୋଟରଙ୍କୁ ସଚେତନ କଲା ପ୍ରଶାସନ

**ବାସୁଦେବପୁର, ୪।୧୨(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଚିନ୍ତାମଣି ସଭାଗୃହ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତଥା ଜିଲା ନିର୍ବାଚନ କାର୍ଯ୍ୟାଳୟର ମିଳିତ ସହଯୋଗରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ସହିତ ଭିନ୍ନକ୍ଷମ ଭୋଟରଙ୍କୁ ଭୋଟଦାନ ପ୍ରକ୍ରିୟା ସମ୍ବନ୍ଧରେ ସଚେତନତା କରାଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ବୀରକିଶୋର ପାଣିଗ୍ରାହୀ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ଭିନ୍ନକ୍ଷମମାନେ ସମାଜର ସମ୍ପଦ ବୋଲି ବିଡିଓ ମତ ରଖିଥିଲେ। ନିର୍ବାଚନ ବେଳେ ଭିନ୍ନକ୍ଷମ ବ୍ୟକ୍ତିମାନେ କିପରି ଇଭିଏମ ମେଶିନରେ ସଚେତନ ହୋଇ ଭୋଟଦାନ କରିପାରିବେ ସେ ସମ୍ପର୍କରେ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ସଚେତନତା ସଭାକୁ ପରିଚାଳନା କରିଥିବା ବେଳେ ଜିପିଇଓ ଅଶୋକ କୁମାର ଦାସ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ବାବଦରେ ମତ ରଖିଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ଭିନ୍ନକ୍ଷମମାନେ ଭୋଟଦାନ ସମ୍ପର୍କରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

### ଅଢାଳପଙ୍କରେ କୃଷି ଚୁଙ୍ଗି ଗଠନ

**ଭଦ୍ରକ ଅଫିସ, ୪।୧୨:** ଭଦ୍ରକ ଜିଲା ବନ୍ତ ବ୍ଲକ ଅଢାଳପଙ୍କ ପଞ୍ଚାୟତର ବେଲଗଡିଆ ଗ୍ରାମରେ କୃଷିଚୁଙ୍ଗିର ଶୁଭ ଉଦ୍‌ଘାଟନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ରାମଚନ୍ଦ୍ର ତ୍ରିପାଠୀ, ଅନ୍ୟତମ ଅତିଥି ଭାବେ ମିନତି ନାୟକ, ମୁଖ୍ୟବକ୍ତା ଭାବେ ଆରତି ଜେନା ଯୋଗଦାନ କରିଥିଲେ। କୃଷି ଚୁଙ୍ଗୀର ମୁଖ୍ୟ ଉଦ୍ୟୋକ୍ତା କୃଷି କବି ଅରୁଣ ପାତ୍ର ଏହି ଚୁଙ୍ଗୀ ସ୍ଥାପନର ଆବଶ୍ୟକତା ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। କୃଷିଚୁଙ୍ଗୀ ମାଧ୍ୟମରେ କିଭଳି ଚାଷୀ ଭାଇମାନେ ନିଜର କୃଷିଜ୍ଞାନ ବଢାଇ ଜମିରୁ ଅଧିକ ଫସଲ ପାଇପାରିବେ ଅତିଥିମାନେ ସେ ସମ୍ବନ୍ଧରେ ମତ ରଖିଥିଲେ। ଶେଷରେ ଉଦ୍ୟୋକ୍ତା ପାତ୍ର ତାଙ୍କ ରଚିତ ବିଭିନ୍ନ କୃଷି ପୁସ୍ତକ ଓ ଅଡିଓ ସିଡୀ ମାଗଣାରେ କୃଷିଚୁଙ୍ଗିକୁ ପ୍ରଦାନ କରିଥିଲେ।

# ଫାଟ ହୋଇ ନଦୀପଟକୁ ଢଳୁଛି ଏନ୍‌ଏଚ୍

**ଆରଡି, ୪।୧୨ (ଡି.ଏନ.ଏ.)**

### ୨୦ ନମ୍ବର ଜାତୀୟ ରାଜପଥ ବିପଦସଙ୍କୁଳ


ବୁଧବାର ଜାତୀୟ ରାଜପଥରେ ହୋଇଥିବା ଫାଟ।

- ଫାଟ ସ୍ଥାନରେ ପୁଣି ଦବିଲା ରାସ୍ତା
- ୩ ମାସ ହେବ ଆରଡି - ଯାଜପୁର ଭାରିଯାନ ବନ୍ଦ
- ମରାମତି ନ ହେଲେ ଆନ୍ଦୋଳନ ଚେତାବନୀ

ଗତ ଅଗଷ୍ଟ ମାସରେ ବୈତରଣୀରେ ବନ୍ୟା ଆସିବା ବେଳେ ୨୦ ନମ୍ବର ଜାତୀୟ ରାଜପଥରେ ଏକ କଲଭର୍ଟ ସଂଲଗ୍ନ ୨ ପାର୍ଶ୍ୱରେ ପ୍ରାୟ ୫୦ ଫୁଟ ଦବିଯାଇଥିଲା । ପରେ ମାସେ ହେବ ସେହି ସ୍ଥାନକୁ ଲାଗି ପ୍ରାୟ ୧୦୦ ଫୁଟ ରାସ୍ତା ସାମାନ୍ୟ ଦବିଯାଇ କିଛିଅଂଶରେ ଫାଟିଯାଇଥିଲା। ଏହାକୁ ମରାମତି କରା ନ ଯିବାରୁ ବୁଧବାର ସକାଳେ ଅଳ୍ପ ଫାଟିଥିବା ସ୍ଥାନରେ ଶବ୍ଦ ସୃଷ୍ଟି ହେଇ ରାସ୍ତାର କିଛିଅଂଶ ନଦୀ ଆଡ଼କୁ ଢଳି ପଡ଼ିଛି। ରାସ୍ତା ଦୁରବସ୍ଥା କାରଣରୁ ଗତ ୩ ମାସଧରି ଭଦ୍ରକ ଜିଲାର ଆରଡିରୁ ଯାଜପୁର ମଧ୍ୟରେ ଭାରିଯାନ ଚଳାଚଳ ବନ୍ଦ ରହିଛି। ଅଥଚ ଏହି ସମସ୍ୟା ପ୍ରତି କର୍ତ୍ତୃପକ୍ଷ ଉଦାସୀନ ରହିବା ନେଇ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ବୈତରଣୀ ନଦୀର ଦକ୍ଷିଣରେ କୁଆଖିଆରୁ ସାତଭାୟା ପର୍ଯ୍ୟନ୍ତ ନିର୍ମିତ ହୋଇଥିବା ରାସ୍ତା ପୂର୍ବରୁ ପ୍ରାୟ ୪ ଥର ଏଭଳି ଦବି ଯାଇଥିଲା। ଏହାକୁ ମରାମତି କରାଯାଇଥିଲେ ମଧ୍ୟ ବାରମ୍ବାର ସେଭଳି ସମସ୍ୟା ଦେଖାଦେଉଛି। ୨୦୧୬ ପର୍ଯ୍ୟନ୍ତ ଏହି ରାସ୍ତା ଯାଜପୁର ଜଳସେଚନ ବିଭାଗ ଅଧୀନରେ ରହିଥିଲା । ଏହା ଜାତୀୟ ରାଜପଥ ( ଏନ.ଏଚ.)ଅଧୀନକୁ ଯିବା ପରେ ଅବସ୍ଥା ବଦଳିବ ବୋଲି ଲୋକେ ଆଶା କରିଥିଲେ। ୨୦୧୭ ରେ ଏନ.ଏଚ. ପକ୍ଷରୁ ଏହାର ମରାମତି କରାଯାଇଥିଲା। ଠିକାଦାର କାମ ସାରିବାର ବର୍ଷେ ପୂରିଛି କି ନାହିଁ ପୁଣି ରାସ୍ତା ଫାଟି ଆଁ । ବୁଧବାର ସକାଳେ ଜାତୀୟ ରାଜପଥର କିଛି କିଛି ନଦୀପଟକୁ ଢଳିଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। । ନିୟମାନୁସାରେ ଜାତୀୟ ରାଜପଥରେ କୌଣସି ସ୍ଥାନରେ ବିପଦସଙ୍କୁଳ ସ୍ଥିତି ସୃଷ୍ଟି ହେଲେ ରାସ୍ତାର ଦୁଇ ପାର୍ଶ୍ୱରେ ସୂଚନା ଫଳକ ଲଗାଯିବା କଥା । ଏଠାରେ ସେଭଳି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଉକ୍ତ ରାସ୍ତା ଗାଡ଼ି ଚାଳକଙ୍କ ଲାଗି ମରଣଯନ୍ତା ପାଲଟିଛି। ଛୋଟଛୋଟ ଯାନ ଏବେ ବିପଦପୂର୍ଣ୍ଣ ଭାବେ ଏହି ସ୍ଥାନରେ ଯା' ଆସ କରୁଥିବାରୁ କେତେବେଳେ ଯେ ଦୁର୍ଘଟଣା ଘଟିବ ତାହା କହି ହେଉ ନାହିଁ । ଏହି ରାଜପଥ ଦେଇ ଦୈନିକ ହଜାର ହଜାର ଶ୍ରଦ୍ଧାଳୁ ଆଖଣ୍ଡଳମଣି, ବିରଜା ପୀଠକୁ ଯା'ଥାନ୍ତି। ସେହିଭଳି କଟକ ଓ ଭୁବନେଶ୍ୱର ଆଦି ସ୍ଥାନକୁ ଲୋକେ ଯାତାୟାତ କରିଥାନ୍ତି। ସ୍ଥାନୀୟ ଅଞ୍ଚଳର ୨ ରାଜନେତାଙ୍କ ମଧ୍ୟରେ ଟଣାଓଟରା ଚାଲିଥିବାରୁ ରାସ୍ତା ମରାମତିରେ ବିଳମ୍ବ ହେଉଥିବା ଚର୍ଚ୍ଚା ହେଉଛି । ଏହାର ପ୍ରତିକାର ନ ହେଲେ ସ୍ଥାନୀୟ ଅଞ୍ଚଳର ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବୋଡକ ଗ୍ରାମର ରମାକାନ୍ତ ନାୟକ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଏସଡିଓ ସୁମିତ ସାହୁଙ୍କୁ ପଚାରିବାରୁ କହିଛନ୍ତି, ରାସ୍ତାରେ ଫାଟ ହେବା ପରେ ପ୍ରଶାସନ ଏହାର ସ୍ଥାୟୀ ପ୍ରତିକାର ଯୋଜନା କରି ପ୍ରସ୍ତାବ ଦେଇଛି। କାମ ଆରମ୍ଭ ହେବାକୁ ଆଉ କିଛିଦିନ ସମୟ ଲାଗିପାରେ ।


ପାହିମହୁରା ସିଟି ସ୍କୁଲ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ।

## ଓଟିଇଟିକୁ ବିରୋଧ କରି ଛାତ୍ରୀଛାତ୍ରଙ୍କ ଧାରଣା

**ଭଣ୍ଡାରିପୋଖରୀ, ୪।୧୨(ଡି.ଏନ.ଏ.)**

ଓଟିଇଟିକୁ ବିରୋଧ କରି ମଙ୍ଗଳବାର ଭଣ୍ଡାରିପୋଖରୀ ବ୍ଲକ ପାହିମହୁରା ସ୍ଥିତ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ମାନେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏନ୍.ଆଇ.ଓ.ଏସ ଛାତ୍ରୀଛାତ୍ର ମାନଙ୍କୁ ଓଟିଇଟି ଆବେଦନ ପାଇଁ ରାଜ୍ୟ ସରକାର ସୁଯୋଗ ଦେଇଥିବା ଯୋଗୁ ଏହାକୁ ଛାତ୍ରୀଛାତ୍ର ବିରୋଧ କରିଛନ୍ତି। ଦୂରଦୂରାନ୍ତରୁ ପିଲାମାନେ ପଢିବା ପାଇଁ ପ୍ରବେଶିକା ପରୀକ୍ଷା ଦେଇ ଦୁଇବର୍ଷ ପ୍ରଶିକ୍ଷଣ ନେଉଥିବା ବେଳେ ଘରୋଇ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ କରୁଥିବା ଛାତ୍ରୀଛାତ୍ର କିପରି ଏନ.ଆଇ.ଓ.ଏସ ମାଧ୍ୟମରେ ଓଟିଇଟି ଆବେଦନ କରି ପରୀକ୍ଷା ଦେବା ପାଇଁ ଯୋଗ୍ୟ ହେଉଛନ୍ତି। ଏହାକୁ ବିରୋଧ କରି ମଙ୍ଗଳବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆନ୍ଦୋଳନ ସମ୍ପର୍କରେ ବିଭାଗୀୟ ଅଧକ୍ଷ ଜିଲାପାଳ, ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରି ଅବଗତ କରାଇଛନ୍ତି। ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର କାଳନ୍ଦୀ ସ୍ୱାଇଁ, ପ୍ରଦୀପ ନାୟକ, ଲୋପାମୁଦ୍ରା ସେନାପତି, ସ୍ୱାଗତିକା ନାୟକ, ଯଶୋଦାରାଣୀ ରାଉତ, ଅନୁସୟା ସାହୁ, ଅଗ୍ନିଶିଖା ଦାସ ପ୍ରମୁଖ ଶତାଧିକ ଛାତ୍ରୀଛାତ୍ର ଆନ୍ଦୋଳନରେ ସାମିଲ ହୋଇଛନ୍ତି।

## 'ଅନ୍ତର୍ନିହିତ ପ୍ରତିଭା ହିଁ ସାମର୍ଥ୍ୟ'

**ଭଦ୍ରକ ଅଫିସ,୪।୧୨**

ଭଦ୍ରକ ବ୍ଲକ ଲାଙ୍ଗୁଡିସ୍ଥିତ ବିଜୟା ବୀଣାପାଣି ହେଲେନ କେଲର ସ୍ପେଶାଲ ସ୍କୁଲ ପରିସରରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଶୋଭନ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଭଦ୍ରକ ଅତିରିକ୍ତ ଜିଲା ଜଜ୍ ଅନୁପ କୁମାର ଚନ୍ଦନ ଅନୁଷ୍ଠିତ ସଭାରେ ପୌରୋହିତ୍ୟ କରିଥିଲେ। ପ୍ରାଧିକରଣର ସଚିବ ଅପର୍ଣ୍ଣା ମହାପାତ୍ର, ଅତିରିକ୍ତ ଦେୱାନୀ ବରିଷ୍ଠ ବିଚାରପତି ଜନ୍ମେଞ୍ଜୟ ଦାସ, କନିଷ୍ଠ ଦେୱାନୀ ବିଚାରପତି ସନ୍ତୋଷ କୁମାର ପାଣିଗ୍ରାହୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୃଜନ ସାରସ୍ୱତ, ଶିକ୍ଷାନିବେଶ କନିଷ୍ଠ ଦେୱାନୀ ବିଚାରପତି ତ୍ରୟ ନର୍ମଦା କର, ସ୍ମିତା ସାହୁ, ରଶ୍ମିନାରାୟଣୀ ମିଶ୍ର, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ପ୍ରଦୀପ ଖୁଣ୍ଟିଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଭିନ୍ନକ୍ଷମମାନେ ଅକ୍ଷମ ନୁହନ୍ତି, ସେମାନଙ୍କର ଅନ୍ତର୍ନିହିତ ପ୍ରତିଭା ହିଁ ସାମର୍ଥ୍ୟ। ଏହା ଅକ୍ଷମତାକୁ ଦୂର କରିଥାଏ। ଭିନ୍ନକ୍ଷମଙ୍କ ପ୍ରତି ସହଯୋଗର ହାତ ବଢ଼ାଇବା ସମସ୍ତଙ୍କର ଦାୟିତ୍ୱ। ଶେଷରେ ଅନ୍ତେବାସୀଙ୍କ ମଧ୍ୟରେ ନାଚ, ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।

## ଜିଲାପାଳଙ୍କ ସମୀକ୍ଷା
## ଉନ୍ନୟନ କାମ ଧିମା

**ଚାନ୍ଦବାଲି,୪।୧୨(ଡି.ଏନ.ଏ.)**

ଭଦ୍ରକ ଜିଲାପାଳ ଜ୍ଞାନ ରଞ୍ଜନ ଦାଶ ମଙ୍ଗଳବାର ଚାନ୍ଦବାଲି ବ୍ଲକ, ତହସିଲ, ଏନଏସି ଅଫିସ୍, ଗାନ୍ଧୀନଗର, ଆହାରକେନ୍ଦ୍ର, କଲ୍ୟାଣ ମଣ୍ଡପ ଓ ଅନ୍ୟ କେତେକ ସ୍ଥାନ ପରିଦର୍ଶନ କରିଥିଲେ। ବ୍ଲକ ଓ ତହସିଲର ବିଭିନ୍ନ କାଗଜପତ୍ର ତନଖି ଓ ସମୀକ୍ଷା କରିଥିଲେ। ତହସିଲର ଭୁକମ୍ବା ଓ ନାମଜାରୀ, ସାର୍ଟିଫିକେଟ ପ୍ରଦାନରେ ଅହେତୁକ ବିଳମ୍ବ ସାଙ୍ଗକୁ ବ୍ଲକର କେତେକ ଉନ୍ନୟନମୂଳକ କାମ ପଛେଇ ଯାଇଥିବା ସମୀକ୍ଷା ବେଳେ ଜଣାପଡିଥିଲା। ଭଦ୍ରକ ଉପ ଜିଲାପାଳ ସୂଚାରୁ କୁମାର ବଳ ଓ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର ମଧ ଜିଲାପାଳଙ୍କ ସହିତ ଉପସ୍ଥିତ ଥିଲେ ।

## ପାଚିକା ସହାୟିକା ସଂଘ ପକ୍ଷରୁ ବିକ୍ଷୋଭ

**ଭଣ୍ଡାରିପୋଖରୀ, ୪।୧୨(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା-ସହାୟିକା ସଂଘ ପକ୍ଷରୁ ମଙ୍ଗଳବାର ବିଭିନ୍ନ ଦାବି ନେଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସହାୟିକାମାନେ ଭଣ୍ଡାରିପୋଖରୀ


ବିଇଓ ଅଫିସ ସାମ୍ନାରେ ପାଚିକା ସହାୟିକା ସଂଘ ବିକ୍ଷୋଭ।

ବସଷ୍ଟାଣ୍ଡ ଠାରୁ ଏକ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରି ଏକ ଦାବିପତ୍ର ବିଇଓଙ୍କୁ ପ୍ରଦାନ କରିଥିଲେ। ସରକାର ୬ ଦଫା ଦାବି ନ ଶୁଣିଲେ ଡିସେମ୍ବର ୧୫ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ କାର୍ଯ୍ୟବନ୍ଦ ଆନ୍ଦୋଳନ ଧାରଣା ଦେବାକୁ ସଂଘର ରାଜ୍ୟ ସଭାପତି ରାଧାରମଣ ଷଡ଼ଙ୍ଗୀ ଆହ୍ୱାନ ଦେଇଥିଲେ। ଶୋଭାଯାତ୍ରାରେ ଶତାଧିକ ପାଚିକା ଯୋଗ ଦେଇଥିଲେ। ବିକ୍ଷୋଭ ସଭାରେ ସମ୍ପାଦିକା ଇମ୍ରାନି ଷଡ଼ଙ୍ଗୀ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଆହ୍ୱାନ ଦେଇଥିଲେ। ଭଣ୍ଡାରିପୋଖରୀ ବ୍ଲକ ସମ୍ପାଦିକା ସରସ୍ୱତୀ ସାମଲ, ଜିଲା ସମ୍ପାଦିକା ବାସନ୍ତୀ ଚିତ୍ରକର, ବ୍ଲକ ସଭାପତି ଦିଲୀପ ନାୟକ, ମାମିନା ଦାସ, ପଲ୍ଲବୀ ଦାସ, ସରୋଜିନୀ ରଣା, ଶାନ୍ତିଲତା କବି, ପୂର୍ଣ୍ଣିମା ସାମଲ, ଉର୍ମିଳା ଜେନା, ରେବତୀ ରାଉତ, ମାଳତୀ ଲତା ଦେ, ପୁଷ୍ପଲତା ରାଉତ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ମୟୂରଭଞ୍ଜ

### ଚୋରା କାଠ ଜବତ, ଅଭିଯୁକ୍ତ ଫେରାର

**କପ୍ତିପଦା,୪।୧୨(ଡି.ଏନ୍.ଏ):** କପ୍ତିପଦା ରେଞ୍ଜ ଶରତ ସେକ୍ସନ ଅଧୀନ ଶରତ ବଜାର ନିକଟରେ ଜଣେ ବ୍ୟକ୍ତି ନିଜ ଘରେ ମୂଲ୍ୟବାନ ଚୋରା କାଠ ଗଚ୍ଛିତ ରଖିଥିବାର ବନ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢାଉ କରିଛି। ଏହି ଚଢାଉ ସମୟରେ ଅଭିଯୁକ୍ତ ଖସି ଯିବାରେ ସଫଳ ହୋଇଥିବାବେଳେ ବନ ବିଭାଗ ତାଙ୍କ ଘରୁ ମୋଟ ୧୪ .୧୭୨ ସିପ୍ଟ କାଠ ଜବତ କରିଛି । ଅଭିଯୁକ୍ତଜଣକ ହେଲେ ରତିକାନ୍ତ ବେହେରା(୩୭) । ଗତ ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ଏହି ଚଢାଉ ହୋଇଥିବା ବେଳେ ସୋମବାର ୮.୪୬ ସିପ୍ଟ ଶାଳ, କଷି ଓ ଶାଗୁଆନ ପଟା, ଚୌଥ ଓ ବନ୍ଧ ଜବତ ହୋଇଛି । ସେହିପରି ମଙ୍ଗଳବାର ପୁଣି ଚଢାଉ କରାଯାଇ ଘର ଭିତରେ ମାଟି ତଳେ ପୋତା ଯାଇ ରଖାଯାଇଥିବା ୬.୧୨୬ସିପ୍ଟ ଶାଳ ଓ ଶାଗୁଆନ କାଠର ବନ୍ଧ ଓ ଚୌଥକୁ ଜବତ କରାଯାଇଛି । ଏ ସଂକ୍ରାନ୍ତରେ ମାମଲା (ନଂ ୧୧୫/୧୮) ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ଡି.ଏଫ.ଓଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଚଢାଉରେ କପ୍ତିପଦା ରେଞ୍ଜର ମହେଶ୍ୱର ସିଂ, ଫରେଷ୍ଟର ଶୋଭାକର ସିଂ, ଫରେଷ୍ଟ ଗାର୍ଡ ଅଞ୍ଜନ କୁମାର ଲେଙ୍କା, ଜୟନ୍ତୀ ପାତ୍ର ଓ ରବିତା ଭୂୟାଁ ସାମିଲ ଥିବାର ବିଭାଗ ସୂତ୍ରରୁ ଜଣାଯାଇଛି ।

### ଇଞ୍ଜିନିୟର୍ସ ସେବା ସଂଘ ବୈଠକ

**ରାଇରଙ୍ଗପୁର,୪।୧୨(ଡି.ଏନ.ଏ):** ଓଡିଶା ରାଜ୍ୟ ଡିପ୍ଲୋମା ଇଞ୍ଜିନିୟର୍ସ ସେବା ସଂଘ, ରାଇରଙ୍ଗପୁର ଶାଖାର ସ୍ଥାନୀୟ ଡାକ ବଙ୍ଗଳାଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ରାଇରଙ୍ଗପୁର ଶାଖା ସଂଘ ସଭାପତି ଇଂ. ନିଶିକାନ୍ତ ରାୟଙ୍କ ସଭାପତିତ୍ୱ କରିଥିଲେ। ଏଥିରେ ସଂଘର କାର୍ଯ୍ୟାବଳୀ ଏବଂ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଏଇ ବୈଠକରେ ରାରରଙ୍ଗପୁର ଶାଖା ସଂଘର ନୂତନ କର୍ମକର୍ତ୍ତା ନିର୍ବଚିତ କରାଯାଇଥିଲା । ନବ ନିର୍ବାଚିତ ସଭାପତି ଭାବେ ଇଂ. ନିଶିକାନ୍ତ ରାୟ, ସମ୍ପାଦକ ଭାବେ ନଗେନ୍ଦ୍ର ନାଥ ସାହୁ, ଉପସଭାପତି ଭାବେ ଇଂ ସାଲଖୁ ହେମ୍ବ୍ରମ ଓ ଉପଦେଷ୍ଟା ଭାବେ ଇଂ. ଦିଲୀପ କୁମାର ଗିରି ନିର୍ବାଚିତ ହୋଇଛନ୍ତି । ସେଇଭଳି ଅର୍ଥ ବିଭାଗ ସମ୍ପାଦକ ଭାବେ ଇଂ. ପ୍ରଶାନ୍ତ କୁମାର ଦାସ, ସଙ୍ଗଠନ ଭାବେ ସାଗିରାମ ମାରାଣ୍ଡି ନିର୍ବାଚିତ ହୋଇଛନ୍ତି।

# ୫୯ ଅନ୍ତେବାସିନୀ ଛାଡ଼ିଲେ ଶେଲଟର୍ ହୋମ୍

**ଉଦଳା, ୪।୧୨(ଡି.ଏନ.ଏ.)**


ଅନ୍ତେବାସୀମାନେ ଉଦଳା ହଷ୍ଟେଲରୁ ଘରକୁ ଯାଉଛନ୍ତି।

- ୨ ଦିନ ଧରି ପ୍ରଶାସନ ପକ୍ଷରୁ ତନାଘନା
- ପିଲାଙ୍କ ପାଠପଢା ନେଇ ଚିନ୍ତାରେ ଅଭିଭାବକ
- ଅଧିକାରୀ କହିଲେ, ଗାଁ ସ୍କୁଲରେ ପଢିବେ

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଚୁଳିଆପୋଷି 'ଗୁଡ୍ ନ୍ୟୁଜ ଡ୍ରିମ୍ ହାଉସ୍ ଶେଲଟର୍ ହୋମ୍‌ରେ ରହୁଥିବା ୫୯ ଅନ୍ତେବାସିନୀଙ୍କୁ ଜିଲା ପ୍ରଶାସନ ମଙ୍ଗଳବାର ପୂର୍ବାହ୍ନରେ ସେମାନଙ୍କ ଘରକୁ ପଠାଇ ଦେଇଛି। ଅନ୍ତେବାସିନୀ ନିଜ ଅଭିଭାବକଙ୍କ ସହ ଘରକୁ ଫେରିଛନ୍ତି। ଗତ ୨ ଦିନ ଧରି ଏଠାରେ ଚଢାଉ ଓ ଯାଞ୍ଚ ଜାରି ରହିଥିଲା। ଢେଙ୍କାନାଳ ଜିଲା ବେଲଟିକିରି ଶେଲଟର୍ ହୋମରେ ଅନ୍ତେବାସୀଙ୍କୁ ଯୌନ ନିର୍ଯାତନା ଦିଆଯିବା ଘଟଣା ପଦାକୁ ଆସିବା ପରେ ଏହାର ସମସ୍ତ ଶାଖାର କାର୍ଯ୍ୟକଳାପ ସନ୍ଦେହଘେରକୁ ଆସିଥିଲା। ତଦନୁଯାୟୀ, ସୋମବାର ଚୁଳିଆପୋଷି ଶାଖା ଉପରେ ଚଢାଉ କରି କାଗଜପତ୍ର ଯାଞ୍ଚ କରାଯାଇଥିଲା। ରାଜ୍ୟସରକାର ଜିଲାପାଳମାନଙ୍କୁ ଦେଇଥିବା ନିର୍ଦ୍ଦେଶ ଅନୁଯାୟୀ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ତଦନ୍ତ ଜାରି ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଉଦଳାଠାରୁ ୪ କି.ମି. ଦୂର ଚୁଳିଆପୋଷି ସେଲଟର୍ ହୋମ୍‌ରେ ମୋଟ ୬୧ ଅନ୍ତେବାସିନୀ ରହୁଥିଲେ। ସେମାନେ ସମସ୍ତେ ନାବାଳିକା। ବୟସ ୭ରୁ ୧୫ ବର୍ଷ ହେବ। ସେଠାରେ ଅନ୍ତେବାସୀଙ୍କୁ ନିର୍ଯାତନା ଓ ଅନ୍ୟ କୌଣସି ବେଆଇନ କାର୍ଯ୍ୟ ହୋଇଛି କି ନାହିଁ ଜାଣିବା ଲାଗି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୋମବାର ତଦନ୍ତ ଆରମ୍ଭ ହୋଇଥିଲା। ଯାଞ୍ଚ ବେଳେ ୨ ଜଣ ଅନ୍ତେବାସିନୀ ଅଭିଭାବକମାନଙ୍କ ସହିତ ଘରକୁ ଯାଇଥିବା ଏବଂ ଅନ୍ୟ ୫୯ ଅନ୍ତେବାସିନୀ ଉପସ୍ଥିତ ଥିବା ଜଣାପଡିଥିଲା। ପୁନଶ୍ଚ ମଙ୍ଗଳବାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ଏବଂ ଶିଶୁ ମଙ୍ଗଳ କମିଟି ଅଧିକାରୀଙ୍କ ସମେତ ଏକ ୪ ଜଣିଆ ଟିମ୍ ସେଲଟର ହୋମ୍‌ରେ ପହଞ୍ଚି ବିଭିନ୍ନ ଦସ୍ତାବିଜ୍ ଯାଞ୍ଚ କରିଥିଲେ। ଏହାପରେ ଅନ୍ତେବାସିନୀମାନଙ୍କୁ ସେମାନଙ୍କ ଅଭିଭାବକଙ୍କ ସହିତ ଘରକୁ ପଠାଇ ଦିଆଯାଇଥିବା ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ କୃଷ୍ଣାକଳ୍ପନା ମହାନ୍ତି ସୂଚନା ଦେଇଛନ୍ତି। ଏହି ଅନ୍ତେବାସିନୀଙ୍କୁ କୌଣସି ସରକାରୀ ସଂସ୍ଥାରେ ଥଇଥାନ କରା ନ ଯାଇ ଘରକୁ ପଠାଇ ଦିଆଯିବା ଘଟଣା ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

୨୦୧୫ରେ 'ଗୁଡ୍ ନ୍ୟୁଜ୍ ଡ୍ରିମ୍ ହାଉସ୍ ସେଲଟର୍ ହୋମ୍ ଚୁଳିଆପୋଷିରେ ଆରମ୍ଭ ହୋଇଥିଲା। ମୟୂରଭଞ୍ଜ ଜିଲାର ବିଭିନ୍ନ ପ୍ରାନ୍ତରୁ ଗରିବ ପରିବାରର ଝିଅଙ୍କୁ ଆଣି ସେଠାରେ ରଖାଯାଇ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ଏବଂ ଉଦଳା ବାଳିକା ଉଚ୍ଚ ବିଦ୍ୟାଳୟରେ ପାଠପଢା ବ୍ୟବସ୍ଥା କରାଯାଇଥିଲା । ଘରକୁ ଚାଲିଯାଇଥିବା ଅନ୍ତେବାସିନୀମାନେ କେଉଁଠାରେ, କିପରି ଅଧ୍ୟୟନ କରିବେ ତାହା ଅଭିଭାବକଙ୍କୁ ଚିନ୍ତାରେ ପକାଇଛି । ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ଅନ୍ତେବାସିନୀମାନେ ରାସ୍ତାରେ ଚାଲି ଚାଲି ଯାଉଥିବା ଦେଖିବାକୁ ମିଳିଥିଲା। ସେଲଟର୍ ହୋମ୍ ଛାଡିଥିବା ଛାତ୍ରୀଙ୍କ ପାଠପଢା ଲାଗି କ'ଣ ପଦକ୍ଷେପ ନିଆଯାଇଛି ପ୍ରଶ୍ନ କରାଯିବାରୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ କହିଛନ୍ତି ସମସ୍ତ ଛାତ୍ରୀଙ୍କ ଗ୍ରାମରେ ଓ ଏହା ନିକଟରେ ବିଦ୍ୟାଳୟ ରହିଛି। ତେଣୁ ସେମାନଙ୍କ ପାଠ ପଢାରେ କୌଣସି ଅସୁବିଧା ହେବ ନାହିଁ । କିନ୍ତୁ ପ୍ରଶାସନ କିଛି ସୂଚନା ଦେଇ ନ ଥିବାରୁ ଏହା ସେମାନଙ୍କୁ ଦ୍ୱନ୍ଦ୍ୱରେ ପକାଇଛି ବୋଲି ଅଭିଭାବକମାନେ କହିଛନ୍ତି।

### ମରଣାନ୍ତକ ଆକ୍ରମଣ ମାମଲା
## ଅଭିଯୁକ୍ତଙ୍କୁ ୩ବର୍ଷ ଜେଲ

**ବାରିପଦା ଅଫିସ,୪।୧୨**

ମୟୂରଭଞ୍ଜ ଜିଲା ଦୌରାଜଜ ସଞ୍ଜୟ ରଞ୍ଜନ ବହିଦାର ମଙ୍ଗଳବାର ଏକ ଆକ୍ରମଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡ ଓ ୩ ହଜାର ଟଙ୍କାର ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଟଙ୍କା ଅନାଦାୟ ଅଧିକ ୨ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ଅଛି। ସୂଚନା ଅନୁସାରେ, ୨୦୧୬ ଜୁନ ୨୨ତାରିଖ ରାତିରେ କୁଳିଅଣା ଥାନା ବଡ଼କୁଲିଡିହା ଗ୍ରାମର ଜୟରାମ ମହାନ୍ତଙ୍କ ସ୍ତ୍ରୀ ପଦ୍ମାବତୀ ଏବଂ ପୁଅ ମନୋଜ ଓ ତାଙ୍କ ଛୋଟ ଝିଅ ଘରେ ଥିଲେ। ଉକ୍ତ ସମୟରେ ଉକ୍ତ ଗ୍ରାମର ସୁନାରାମ ସିଂ ଏକ ଧାରୁଆ ଅସ୍ତ୍ର ଧରି ତାଙ୍କ ଘରେ ପଶି ପଦ୍ମାବତୀଙ୍କ ବେକକୁ ହାଣିବା ପାଇଁ ଉଦ୍ୟମ କରିଥିଲେ। ମାତ୍ର ସେ ହାତ ଦେଖାଇଦେବାରୁ ବେକର କିଛି ଅଂଶ କଟି ଯିବା ସହ ହାତ ମଧ୍ୟ କଟିଯାଇଥିଲା। ତେବେ ମନୋଜ ମା'ଙ୍କୁ ରକ୍ଷା କରିବା ପାଇଁ ଯାଉଥିବା ବେଳେ ସୁନାରାମ ତାଙ୍କ ମୁଣ୍ଡକୁ ମଧ୍ୟ ଆକ୍ରମଣ କରିଥିଲା। ଏହି ସମୟରେ ଝିଅ ଚିତ୍କାର କରିବାରୁ ସୁନାରାମ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। କିଛି ସମୟ ପରେ ଜୟରାମ ଘରକୁ ଫେରିବା ପରେ ଉଭୟ ମା' ଓ ପୁଅ ରକ୍ତାକ୍ତ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ପାଇଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ବାରିପଦା ମେଡିକାଲକୁ ଚିକିତ୍ସା ପାଇଁ ନେଇଯାଇଥିଲେ। ପରେ କୁଳିଅଣା ଥାନାରେ ପୋଲିସ ଏକ ମାମଲା (ନଂ ୯୭/୧୬) ରୁଜୁ କରି ସୁନାରାମଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ ଶରଦଚନ୍ଦ୍ର ସାମନ୍ତ ପରିଚାଳନା କରୁଥିଲେ।

## ଇତିହାସ ବିଭାଗ ଆଲୋଚନାଚକ୍ର

**ଉଦଳା,୪।୧୨ (ଡି.ଏନ.ଏ.)**

ଉଦଳା ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ 'ଆଧୁନିକ ଭାରତ ଇତିହାସ ନବଜାଗରଣରେ ପୁରୋଧାମାନଙ୍କ ଭୂମିକା' ଶୀର୍ଷକ ବିଷୟକୁ ନେଇ ଆଲୋଚନା କରାଯାଇଥିଲା । ବିଭାଗୀୟ ଅଧାପିକା ପ୍ରକାଶିତା ବାଛିନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧକ୍ଷ ପ୍ରଫେସର ଜ୍ୟୋତିରଞ୍ଜନ ଦାସ ଯୋଗ ଦେଇଥିଲେ ।

## ୧୫୨ ପ୍ରକଳ୍ପକୁ ୩ କୋଟି

**ରାସଗୋବିନ୍ଦପୁର,୪।୧୨ (ଡି.ଏନ.ଏ)**

ସ୍ଥାନୀୟ ଷ୍ଟାଡିୟମ ପଡ଼ିଆରେ ରାସଗୋବିନ୍ଦପୁର ବ୍ଲକସ୍ତରୀୟ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣ ପଞ୍ଚାୟତସ୍ତରରୁ ସିଧାସଳଖ ଗାଁଗୁଡିକ ପାଇଁ ଆବଶ୍ୟକୀୟ ପ୍ରକଳ୍ପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ କଥାବାର୍ତ୍ତା କରିଥିଲେ। ଏହି ଅବସରରେ ଆବଶ୍ୟକ ପ୍ରକଳ୍ପଗୁଡିକ ସମ୍ପର୍କରେ ଆଲୋଚନା କରାଯାଇ ସିଧାସଳଖ ଅର୍ଥ ଅନୁମୋଦନ କରାଯାଇଥିଲା। ରାସଗୋବିନ୍ଦପୁର ବ୍ଲକର ୧୬ ପଞ୍ଚାୟତ ପାଇଁ ୧୫୨ଟି ପ୍ରକଳ୍ପ ନିମନ୍ତେ ୩କୋଟି ୫୯ଲକ୍ଷ ଟଙ୍କା ଅନୁମୋଦନ କରି ଭିଡିଓ ମାଧ୍ୟମରେ ଉପସ୍ଥିତ ଜନତାଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମୋରଡା ବିଧାୟକ ପ୍ରବୀଣଚନ୍ଦ୍ର ଭଞ୍ଜଦେଓ, ଜିଲାପାଳ ବିନୀତ ଭରଦ୍ୱାଜ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦିକା ଜ୍ୟୋତିର୍ମୟୀ କବାଟ, ବିଡ଼ିଓ ଲଳିତ କୁମାର ସରେଙ୍ଗ, ଅତିରିକ୍ତ ତହସିଲଦାର ହେମନ୍ତ କୁମାର ନାୟକ, ବ୍ଲକ ଅଧକ୍ଷ କୁନା ହାଁସଦା, ବିଜେଡି ବ୍ଲକ ସଭାପତି ବିଜୟ କୁମାର ପରିଡ଼ା, ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ସତ୍ୟବ୍ରତ ମହାନ୍ତି, ବିଧାୟକ ପ୍ରତିନିଧି ମୀନକେତନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**ବାରିପଦା ଅଫିସ,୪।୧୨**

ମୟୂରଭଞ୍ଜ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ କାର୍ଯ୍ୟକାରୀ ହେଉଥିବା ଏନଆଇଓଏସ ଗାଇଡ ଲାଇନ ଓ ଓଟିଇଟି ପରୀକ୍ଷାକୁ ବିରୋଧ କରିଛନ୍ତି ଜିଲାର ୪ଟି ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ରୀଛାତ୍ର। ପ୍ରତିବାଦରେ ସେମାନେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗତ ନଭେମ୍ବର ୨୮ ତାରିଖରୁ କଲେଜ ସମ୍ମୁଖରେ ଏହି ଛାତ୍ରୀଛାତ୍ର ଆନ୍ଦୋଳନ କରୁଥିବାବେଳେ କ୍ଲାସ ବର୍ଜନ କରିଛନ୍ତି। ମାତ୍ର ଏହାର ସମାଧାନ ହେଉ ନ ଥିବାରୁ ଛାତ୍ରୀଛାତ୍ରମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଆନ୍ଦୋଳନରେ ପ୍ରାୟ ୮୦୦ ଛାତ୍ରୀଛାତ୍ର ଆନ୍ଦୋଳନ କରୁଛନ୍ତି। ସେହିପରି ସେମାନଙ୍କୁ ସମର୍ଥନ ଜଣାଇ ୪୦୦ ପୂର୍ବତନ ଛାତ୍ରୀଛାତ୍ର ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏହି ଦାବିଗୁଡିକ ସେମାନଙ୍କର ପୂରଣ ନ ହେଲେ ସମସ୍ତ ଛାତ୍ରୀଛାତ୍ର ପାଠ ବର୍ଜନ କରି ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଜାରିରଖିବେ ବୋଲି ଚେତାବନୀ ଦେଇଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଛାତ୍ରୀଛାତ୍ର।

# ସବୁ ଦଳ ପାଇଁ ପରୀକ୍ଷାର ବେଳ

**ବାରିପଦା ଅଫିସ,୪।୧୨**

ଦିନକ ପରେ ମୟୂରଭଞ୍ଜ ଜିଲା ବିଜାତଳା ବ୍ଲକ ଅନ୍ତର୍ଗତ ୩୨ ନଂ ଜିଲା ପରିଷଦ ଜୋନରେ ଉପନିର୍ବାଚନ। ଏହି ଆସନ ହାତେଇବାକୁ ଭାଜପା, ବିଜେଡି, କଂଗ୍ରେସ ଓ ଜେଏମଏମ ଭଳି ପ୍ରମୁଖ ରାଜନୈତିକ ଦଳଗୁଡିକ ଲାଗିପଡିଛନ୍ତି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭାଜପା ପ୍ରାର୍ଥୀ ଛୋଟରାୟ ମୁର୍ମୁ ଏହି ଜିଲା ପରିଷଦ ଆସନରୁ ବିଜୟୀ ହୋଇଥିଲେ। ଜେଏମଏମ ୨ୟ ସ୍ଥାନ, ବିଜେଡି ୩ୟ ଓ କଂଗ୍ରେସ ପ୍ରାର୍ଥୀ ୪ର୍ଥ ସ୍ଥାନରେ ରହିଥିଲେ। ଗତ ଜାନୁୟାରୀରେ ଛୋଟରାୟଙ୍କ ଅକାଳ ବିୟୋଗ ଘଟିବାରୁ ଉକ୍ତ ଆସନ ଖାଲି ପଡିଥିଲା। ତଦନୁଯାୟୀ ନିର୍ବାଚନ କମିଶନର ଉପନିର୍ବାଚନ ବିଜ୍ଞପ୍ତି ଜାରି କରିଥିଲେ। ଆଗକୁ ସାଧାରଣ ନିର୍ବାଚନ ହେବାକୁ ଥିବା ବେଳେ ଏହି ଉପନିର୍ବାଚନକୁ ସବୁ ଦଳ ମାପକାଠି ଭାବେ ଗ୍ରହଣ କରି ଜନମତକୁ ନିଜ ସପକ୍ଷରେ ନେବା ଲାଗି ପ୍ରାଣମୂର୍ଚ୍ଛା ଲାଗି ପଡିଛନ୍ତି। ବଦଳୁଥିବା ରାଜନୈତିକ ସମୀକରଣ ସମସ୍ତଙ୍କ ଚିନ୍ତା ବଢାଇଛି। ଉକ୍ତ ଉପନିର୍ବାଚନ ସବୁ ଦଳ ପାଇଁ ପରୀକ୍ଷାର ବେଳ ବୋଲି କୁହାଯାଉଛି।


ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ୍, ରାଜ୍ୟ ସଭା ସଦସ୍ୟ ଅନୁଭବ ମହାନ୍ତି ପ୍ରମୁଖ ପ୍ରଚାର କରୁଛନ୍ତି।

୩୨ ନଂ ଜିଲା ପରିଷଦ ଜୋନ ଉପନିର୍ବାଚନରେ ଭାଜପା ପକ୍ଷରୁ କୁଡୁଲୁ ହାଁସଦା, ବିଜେଡି ପକ୍ଷରୁ ରଘୁନାଥ ମାଝୀ, କଂଗ୍ରେସ ପକ୍ଷରୁ ସୁଦର୍ଶନ ମୁର୍ମୁ ଓ ଜେଏମଏମ ପକ୍ଷରୁ ମୀନା ସୋରେନ ପ୍ରାର୍ଥୀ ହୋଇଛନ୍ତି। ଝାଡଖଣ୍ଡ ଦିଶମ ପାର୍ଟିରୁ ଶାଙ୍ଗ ମାରାଣ୍ଡି, ଅଜସୁ ଦଳରୁ ଯଦୁନାଥ ଟୁଡୁ, ମାସା ପକ୍ଷରୁ ଅଇଁଠୁ ଟୁଡୁ, ଆମ ଆଦମି ପାର୍ଟି ପକ୍ଷରୁ ରାମରାଜନ ସୋରେନ, ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ସୂର୍ଯ୍ୟ ହେମ୍ବ୍ରମ ଓ କାହ୍ନୁ ବାସ୍କେ ନିର୍ବାଚନ ଲଢୁଛନ୍ତି। ବିଜାତଳା, ମୁଣ୍ଡାଠାକୁରା, ବଣକାଟି, ରାଇହରି ଓ ଲୁହାଶିଳା ଆଦି ୫ ଟି ପଞ୍ଚାୟତକୁ ନେଇ ଗଠିତ ଏହି ଜିଲା ପରିଷଦ ଆସନରେ ମୋଟ ଭୋଟର ସଂଖ୍ୟା ୨୩ ହଜାର ୧୪୬ । ସବୁ ଦଳ ରାଜ୍ୟ ଓ ଜାତୀୟ ପ୍ରସଙ୍ଗ ସମେତ ସ୍ଥାନୀୟ ସମସ୍ୟା ଲୋକଙ୍କ ଆଗରେ ଉପସ୍ଥାପନ କରି ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଉକ୍ତ ଆସନ ପାଇଁ ପ୍ରଚାର କାର୍ଯ୍ୟ ଶେଷ ହୋଇଛି।

ବିଜାତଳା ଆସନରେ ବହୁମୁଖୀ ପ୍ରତିଦ୍ୱନ୍ଦିତା ଅଧିକ ଉତ୍କଣ୍ଠାର ବାତାବରଣ ସୃଷ୍ଟି କରିଛି। ପୂର୍ବରୁ ଜେଏମଏମର ଅଧିକ ପ୍ରଭାବ ଏହି ଅଞ୍ଚଳରେ ରହିଥିଲା। ଏହାକୁ ପୁଞ୍ଜି କରି ଉକ୍ତ ଦଳ ଲଢେଇରେ ଅବତୀର୍ଣ୍ଣ ହୋଇଛି। ଗତ ନିର୍ବାଚନର ସ୍ଥିତି କାଏମ ରଖିବାକୁ ଭାଜପା ରଣକୌଶଳ ଗ୍ରହଣ କରିଥିବା ଦଳୀୟ କର୍ମକର୍ତ୍ତା କହୁଛନ୍ତି। ବିଜେଡି ପାଇଁ ଉକ୍ତ ଆସନ ସମ୍ମାନର ପ୍ରଶ୍ନ ପାଲଟିଛି। ୩ ଦିନ ହେବ ସିନେ ତାରକା ତଥା ରାଜ୍ୟସଭା ସଦସ୍ୟ ଅନୁଭବ ମହାନ୍ତି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଏଠାରେ ମାରାଥନ ପ୍ରଚାର ଚଳାଇଛନ୍ତି। ଜିଲା ବିଜେଡି ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ନୟାଗଡ ବିଧାୟକ ଡ.ଅରୁଣ ସାହୁ ପ୍ରଚାର କାର୍ଯ୍ୟ ତଦାରଖ କରୁଛନ୍ତି। ରାଜ୍ୟସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ, ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି, ସାରସକଣା ବିଧାୟକ ଭାଦବ ହାଁସଦା, ବଡସାହି ବିଧାୟକ ଗଣେଶ୍ୱର ପାତ୍ର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଡା. ଦେବାଶିଷ ମାରାଣ୍ଡି, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦେବାଶିଷ ମହାନ୍ତି ଏବଂ ଜେଏମଏମର ବିଜାତଳା ବ୍ଲକ ସଭାପତି ପଦ ଛାଡି ନିକଟରେ ବିଜେଡିରେ ସାମିଲ ହୋଇଥିବା ଦିବାକର ସୋରେନ ପ୍ରମୁଖ ମଧ ପ୍ରଚାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ବିଜେଡିରୁ ନିଲମ୍ବିତ ମୟୂରଭଞ୍ଜ ଏମ୍‌ପି ଇଂ.ରାମଚନ୍ଦ୍ର ହାଁସଦା ବିଜାତଳାରେ ରହି ବିଜେଡି ସପକ୍ଷରେ ପ୍ରଚାର କରିଥିବା ଦେଖିବାକୁ ମିଳିଛି। ଜେଏମଏମ, ଭାଜପା ଓ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ଘରକୁ ଘର ବୁଲି ନିଜ ନିଜ ତରିକାରେ ମାରାଥନ ପ୍ରଚାର କରିଥିବାରୁ ରାଜନୈତିକ ବାତାବରଣ ବେଶ୍ ସରଗରମ ରହିଛି। ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ସର୍ବାଧିକ ୪୯ ଜିଲା ପରିଷଦ ଆସନ ଦଖଲ କରିଥିବା ବେଳେ ବିଜେଡି ୫ ଆସନରେ ବିଜେଡି ବିଜୟୀ ହୋଇଥିଲା। ଜେଏମଏମ ଓ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଲେଖାଏ ଆସନ ପାଇଥିଲେ। ଗତ ଥର ଖରାପ ପ୍ରଦର୍ଶନ ପରେ ଏହି ଉପନିର୍ବାଚନ ଜିଲା ଦାୟିତ୍ୱରେ ଥିବା ବିଜେଡି ପର୍ଯ୍ୟବେକ୍ଷକଙ୍କ ପାଇଁ ପରୀକ୍ଷାର ବେଳ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

**ବିଜାତଳା ଜିଲା ପରିଷଦ ଆସନ ଉପନିର୍ବାଚନ**
- ସରିଲା ପ୍ରଚାର, ୬ରେ ଭୋଟ
- ସବୁ ଦଳର ଛକାପଞ୍ଝା ପ୍ରଚାର

# ଉଚ୍ଚସ୍ତରୀୟ ତଦନ୍ତ ସାଙ୍ଗକୁ ମନ୍ତ୍ରୀଙ୍କ ଇସ୍ତଫା ଦାବି


ଖବରଦାତା ସମ୍ମିଳନୀରେ ମହିଳାମୋର୍ଚ୍ଚାର କର୍ମକର୍ତ୍ତା।

**ତିହିଡ଼ି,୪।୧୨(ଡି.ଏନ୍.ଏ.)**

- ନନ୍ଦପୁର ଡ୍ରିମ୍ ସେଣ୍ଟରରେ ଯୌନ ନିର୍ଯାତନା ଅଭିଯୋଗ ଆଣିଲା ଭାଜପା ମହିଳା ମୋର୍ଚ୍ଚା
- କାର୍ଯାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ

ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଗୁଡ୍ ନିୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟରରେ ରହୁଥିବା ଅନ୍ତେବାସୀଙ୍କୁ ଯୌନ ନିର୍ଯାତନା ଦିଆଯିବା ଘଟଣା ପଦାକୁ ଆସିବା ପରେ ତନାଘନା ଜାରି ରହିଛି। ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଚକ ପଞ୍ଚାୟତ ଅଧୀନ ନନ୍ଦପୁରଠାରେ ଥିବା ଏକ ଶାଖାରେ ସୋମବାର ଜିଲା ଶିଶୁମଙ୍ଗଳ ଅଧିକାରୀଙ୍କ ସମେତ ଶିଶୁ ମଙ୍ଗଳ କମିଟି ଚଢାଉ କରି ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲା। ସେଠାରେ ୧୭୨ ଅନ୍ତେବାସୀ ରହୁଥିବା ବେଳେ ୧୪ ଜଣଙ୍କୁ ଛାଡିଦେଲେ ଅନ୍ୟମାନେ ନାବାଳିକା। ଏ କ୍ଷେତ୍ରରେ ଜୁଭେନାଇଲ ଜଷ୍ଟିସ ଆକ୍ଟର ଉଲ୍ଲଂଘନ ଅଭିଯୋଗ ଆସିଥିଲା। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲା ଭାଜପା ମହିଳା ମୋର୍ଚ୍ଚାର କର୍ମକର୍ତ୍ତା ମଙ୍ଗଳବାର ତିହିଡ଼ି ଦୀନଦୟାଲ ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉକ୍ତ ସେଣ୍ଟରରେ ଅନ୍ତେବାସୀଙ୍କୁ ଯୌନ ନିର୍ଯାତନା ଦିଆଯିବା ସାଙ୍ଗକୁ ଅନ୍ୟ ଧର୍ମର ପ୍ରାର୍ଥନା ବୋଲା ଯାଉଥିବା ଏବଂ ଧର୍ମାନ୍ତରୀକରଣ ଲାଗି ପ୍ରବର୍ତ୍ତା ଯାଇଥିବା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଏ ଦିଗରେ କିଭଳି ଆଖିବୁଜି ବସିଥିଲେ ବୋଲି ସେମାନେ ପ୍ରଶ୍ନ କରି ଶିଶୁ ଓ ମହିଳା ବିକାଶ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସତ୍ୟାସତ୍ୟ ପଦାକୁ ଅଣାଯାଉ ବୋଲି ସେମାନେ ମଧ ଦାବି କରିଛନ୍ତି।

ଖବରଦାତା ସମ୍ମିଳନୀରେ ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ମନସ୍ୱିତା ଖୁଣ୍ଟିଆଙ୍କ ସମେତ ଉପସଭାନେତ୍ରୀ ଉମାମଣି ସାହୁ ଓ ସୁମିତ୍ରା ପାଣି, ସମ୍ପାଦିକା ଭାରତୀ ବିଶ୍ୱାଳ, ମହରମପୁର ସରପଞ୍ଚ ଅଲୀକ ପ୍ରଭା ରାଉଳ, କାନ୍ତକବି ମଣ୍ଡଳ ମହିଳା ସଭାନେତ୍ରୀ କଳ୍ପନା ଜେନା, ଭଦ୍ରକ ନଗର ସଭାନେତ୍ରୀ ଉର୍ମିଳା ସାହୁ, ଉପସଭାନେତ୍ରୀ ପଦ୍ମିନୀ ଦ୍ୱିବେଦୀ, ଜିଲା କାର୍ଯ୍ୟକାରିଣୀ ସଦସ୍ୟା ନିବେଦିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଭାନେତ୍ରୀ ମନସ୍ୱିତା କହିଥିଲେ, ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟରରେ ଚାଲିଥିବା ନିର୍ଯାତନା ଓ ବେଆଇନ କାର୍ଯ୍ୟ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ଏ ଦିଗରେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ମୋର୍ଚ୍ଚାର କର୍ମକର୍ତ୍ତା ରାଜରାସ୍ତାକୁ ଓହ୍ଲାଇବେ । ଅନ୍ତେବାସୀଙ୍କୁ ନିର୍ଯାତନା ଦିଆଯିବା ଘଟଣାକୁ ମହିଳା ମୋର୍ଚ୍ଚା ମକ୍ଷରୁ ନିନ୍ଦା କରାଯାଇଛି।

## ୫ ଅସ୍ଥାୟୀ କର୍ମଚାରୀଙ୍କ ଆମରଣ ଅନଶନ

**ବାସୁଦେବପୁର, ୪।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ସ୍ଥିତ ଜଳସେଚନ ବିଭାଗ କାର୍ଯ୍ୟାଳୟ ଆଗରେ ୫ ଅସ୍ଥାୟୀ କର୍ମଚାରୀ ୨୫ ମାସର ବକେୟା ଦରମା ଦାବି କରି ମଙ୍ଗଳବାର ଠାରୁ ଆମରଣ ଅନଶନ କରିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଜଳସେଚନ ବିଭାଗ ସେମାନଙ୍କର ବକେୟା ଦରମା ଦେଉ ନ ଥିବା ଅନଶନରେ ବସିଥିବା ଅସ୍ଥାୟୀ କର୍ମଚାରୀ ଦିବାକର ଦାସ, ଗୋପିନାଥ ରଣା, ଶଚୀନ୍ଦ୍ର ଦାସ, ରଘୁନାଥ ପୁହାଣ, ନିହାରିକା ଭଞ୍ଜ କହିଛନ୍ତି। ଦାବି ପୂରଣ ନ ହେବାଯାଏ ସେମାନେ ଆମରଣ ଅନଶନ ଜାରି ରଖିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଭାଜପା ବରିଷ୍ଠ ନେତା ମାଧବାନନ୍ଦ ମଲିକ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଦୀନବନ୍ଧୁ ପତି ପ୍ରମୁଖ ଅନଶନ ସ୍ଥଳରେ ପହଞ୍ଚି ସେମାନଙ୍କ ଦାବିକୁ ଯଥାର୍ଥ କହି ସମର୍ଥନ ଜଣାଇଛନ୍ତି।

## ବାର୍‌ହା ଆକ୍ରମଣରେ ୨ ଗୁରୁତର

**ଢେଙ୍କିକୋଟ, ୪।୧୨(ଡି.ଏନ.ଏ.)**

ଘଟଗାଁ ରେଞ୍ଜ ଢେଙ୍କିକୋଟ ଫରେଷ୍ଟ ସେକ୍ସନ ମନହରପୁର ପଞ୍ଚାୟତ ତର୍ଣ୍ଣିବେଡ଼ା ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ବାର୍‌ହା ଆକ୍ରମଣରେ ୨ ଜଣ ଗୁରୁତର ହୋଇଛନ୍ତି। ଦେଓବନ୍ଧ ଫରେଷ୍ଟ ସେକ୍ସନ ବାରବାଙ୍କ ସଂରକ୍ଷିତ ଜଙ୍ଗଲରେ କେହି ବାର୍‌ହାକୁ ଧନୁତୀର ମାରି ଆହତ କରି ଦେଇଥିଲେ। ଗୁରୁତର ଅବସ୍ଥାରେ ବାର୍‌ହା ଜଙ୍ଗଲ ଭିତରୁ ହଠାତ୍ ବାହାରି ବିଲରେ ଧାନ କାଟୁଥିବା ତର୍ଣ୍ଣିବେଡ଼ା ଗ୍ରାମର ରଘୁନାଥ ମହାକୁଡ଼ (୬୦) ଏବଂ ନିରୂପମା ନାୟକ(୨୨)କୁ ଆକ୍ରମଣ କରିଥିଲା। ସେମାନେ ଚିତ୍କାର କରିବାରୁ ନିକଟସ୍ଥ ଜମିରେ ଧାନ କାଟୁଥିବା ଲୋକେ ଆସିଥିଲେ। ପାଟି କରିବାରୁ ଜଙ୍ଗଲକୁ ବାରହା ଦୌଡ଼ି ପଳାଇ ଯାଇଥିଲା। ୨ ଆହତଙ୍କୁ ଢେଙ୍କିକୋଟ ଡାକ୍ତରଖାନାକୁ ଆଣା ଯାଇଥଲା।

## ଶିମିଳିପାଳରେ ବିରଳ ଶାଳିଆପତନି

**ବାରିପଦା ଅଫିସ,୪।୧୨**

ଜୈବ ବିବିଧତାରେ ପରିପୂର୍ଣ୍ଣ ଶିମିଳିପାଳ ଅଭୟାରଣ୍ୟରେ ବିଭିନ୍ନ ବିରଳ ବନ୍ୟପ୍ରାଣୀ ଦେଖିବାକୁ ମିଳନ୍ତି। ପୂର୍ବରୁ କଳା ବାଘ ଭଳି ବିରଳ ବନ୍ୟପ୍ରାଣୀକୁ ଏଠାରେ ଠାବ କରାଯାଇଥିଲା। ଏବେ ଜଙ୍ଗଲରେ ଏକ ବିରଳ ଶାଳିଆପାତନି ଠାବ ହେବା ଘଟଣା ଚର୍ଚ୍ଚାକୁ ଆସିଛି।

ଅଭୟାରଣ୍ୟରେ ଅନ୍ୟ ବନ୍ୟପ୍ରାଣୀଙ୍କ ଭଳି ବହୁ ସଂଖ୍ୟକ ଶାଳିଆପତନି ରହିଛନ୍ତି। କଳା ରଙ୍ଗର ଏହି ବନ୍ୟପ୍ରାଣୀଙ୍କ ବିଚରଣ ଜଙ୍ଗଲର ଶୋଭା ବଢାଇଥାଏ। ଏବେ ଧଳା ଓ କଳା ରଙ୍ଗ ମିଶ୍ରିତ କେତେକ ଶାଳିଆପାତନି ଠାବ ହେବା ଘଟଣା ବନ୍ୟପ୍ରାଣୀ ବିଶେଷଜ୍ଞ ଓ ପରିବେଶବିତ୍‌ଙ୍କୁ ଚକିତ କରିଛି। ଏଭଳି ବିରଳ ଶାଳିଆପତନି ପ୍ରାୟ ୩୦ ବର୍ଷ ପୂର୍ବେ ଦେଖିବାକୁ ମିଳିଥିଲା। ସେମାନଙ୍କ ଦେହର ପେଟ, ଲାଞ୍ଜ ଆଦି ସ୍ଥାନରେ ଧଳା ଓ ଅନ୍ୟ ଅଂଶରେ କଳା ରଙ୍ଗ ରହିଥାଏ। ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ବନ୍ୟପ୍ରାଣୀଙ୍କ ଗତିବିଧି ଜାଣିବା ସକାଶେ ଲାଗିଥିବା କ୍ୟାମେରାରେ ଏପରି ବିରଳ ଶାଳିଆପତନିଙ୍କ ଫଟୋ କଏଦ ହୋଇଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପକ୍ଷେତ୍ର ନିର୍ଦ୍ଦେଶକ ଯଜ୍ଞଦତ୍ତ ପତି ସୂଚନା ଦେଇଛନ୍ତି।

ଉଲ୍ଲେଖନୀୟ ଯେ, ୧୯୮୮ ମସିହାରେ ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ଏକ ଟିମ୍ ଶିମିଳିପାଳ ଆସିଥିବା ବେଳେ ଏଠାରେ ଧଳା ଓ କଳା ରଙ୍ଗ ମିଶ୍ରିତ ଗୋଟିଏ ଶାଳିଆପତନି ଠାବ କରିଥିଲେ। ସେବେଠୁ ଏପରି ଶାଳିଆପାତନି ଦେଖିବାକୁ ମିଳି ନ ଥିଲେ। ଭାରତର ଅନ୍ୟ କୌଣସି ଅଭୟାରଣ୍ୟରେ ଏହା ଠାବ ହୋଇ ନ ଥିବା କୁହାଯାଏ। ଶିମିଳିପାଳରେ ମୋଟ ୫ ରୁ ୧୦ ହଜାର ପର୍ଯ୍ୟନ୍ତ ଶାଳିଆପତନି ଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପକ୍ଷେତ୍ର ନିର୍ଦ୍ଦେଶକ କହିଛନ୍ତି।


ଶିମିଳିପାଳରେ କ୍ୟାମେରାରେ କଏଦ ହୋଇଥିବା ବିରଳ ଶାଳିଆପତନି ।

## ପିଆରଏମ୍ ମେଡିକାଲ କଲେଜରେ ଏମ୍‌ସିଆଇ ଟିମ୍

**ବାରିପଦା ଅଫିସ,୪।୧୨**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲକୁ ମଙ୍ଗଳବାର ଏମସିଆଇ (ମେଡିକାଲ କଲେଜ ଅଫ ଇଣ୍ଡିଆ) ର ଏକ ୩ ଜଣିଆ ଟିମ୍ ପରିଦର୍ଶନ କରିଛନ୍ତି। ଏହି ଟିମ୍‌ରେ ଡା. ବି ସି ଦତ୍ତା, ଡା. ଅଭିନନ୍ଦନ ଦାସ ଓ ଡା. ନିବେଦିତା ପ୍ରମୁଖ ସାମିଲ ଥିଲେ। ଏହି ଟିମ୍ ପ୍ରଥମେ ରଙ୍ଗାମାଟିଆସ୍ଥିତ ମେଡିକାଲ କଲେଜ ଓ ପରେ ହସ୍ପିଟାଲ ପରିଦର୍ଶନ କରିଥିଲେ। ମେଡିକାଲ କଲେଜର ଭିତ୍ତିଭୂମୀକୁ ଏହି ଟିମ୍ ଟିକିନିଖି କରି ଯାଞ୍ଚ କରିଥିଲା। ମେଡିକାଲ ଟିମ୍ ପରିଦର୍ଶନ ବେଳେ ମେଡିକାଲ କଲେଜ ଅଧୀକ୍ଷକ ଡା. ନରେନ୍ଦ୍ରନାଥ ସୋରେନ, ଡା. ସରୋଜ ସାହୁ, ଡା, ବିଏନ ମହାପାତ୍ର, ହସ୍ପିଟାଲ ମ୍ୟାନେଜର ଡା.ସମୀର ରଞ୍ଜନ ମହାପାତ୍ର ଓ ଡା.ବିନୋଦିନୀ ଦାସ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ବିଭାଗର ଇଂ. ଦେବାଶିଷ ବିଶ୍ୱାଳ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

**■ ‘ଗ୍ରୀନ୍-ରେ’ ଚିଟ୍‌ଫଣ୍ଡ ଠକେଇ**

# ୨ ଅଧିକାରୀଙ୍କୁ ରିମାଣ୍ଡରେ ନେଲା ଗୋଆ ପୋଲିସ

**ଜଳେଶ୍ୱର, ୪।୧୨(ଡି.ଏନ.ଏ.)**

ଜଳେଶ୍ୱରସ୍ଥିତ ଚିଟ୍‌ଫଣ୍ଡ ସଂସ୍ଥା ‘ଗ୍ରୀନ୍-ରେ’ ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ମୀର ସହିରୁଦ୍ଦିନ ଓରଫ୍ ଗୋରା ଓ ନିର୍ଦ୍ଦେଶକ ଆୟୁବ ସାହାଙ୍କୁ ଗୋଆ ପୋଲିସ ରିମାଣ୍ଡରେ ନେଇଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସିବିଆଇର ଜଣେ ଅଧିକାରୀଙ୍କ ସୂଚନାନୁଯାୟୀ ଉଭୟ ଗୋରା ଓ ଆୟୁବଙ୍କୁ ଗୋଆ ପୋଲିସ ରିମାଣ୍ଡରେ ନେବା ପୂର୍ବରୁ ହାଇଦ୍ରାବାଦ୍ ପୋଲିସ ୭ ଦିନିଆ ରିମାଣ୍ଡରେ ନେଇଥିଲା। ଗୋଆ ପୋଲିସ ପରେ କର୍ଣ୍ଣାଟକ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଆଦି ରାଜ୍ୟର ପୋଲିସ ନିଜ ନିଜ ଅଞ୍ଚଳରେ ହୋଇଥିବା ମାମଲାର ତଦନ୍ତ କରିବା ପାଇଁ ଉଭୟଙ୍କୁ ରିମାଣ୍ଡରେ ନେବେ ବୋଲି ଆଗୁଆ ଭୁବନେଶ୍ୱରସ୍ଥିତ ସିବିଆଇର ସ୍ୱତନ୍ତ୍ର ଅଦାଲତରେ ଆବେଦନ କରିଛନ୍ତି।

୨୦୦୪ରୁ ୨୦୧୩ ମସିହା ପର୍ଯ୍ୟନ୍ତ ଗ୍ରୀନ୍-ରେ ଇଣ୍ଟରନ୍ୟାଶନାଲ ଚିଟ୍‌ଫଣ୍ଡ ସଂସ୍ଥା ଦେଶର ୧୮ ରୁ ୨୦ଟି ରାଜ୍ୟରେ ବେଆଇନ ଅର୍ଥ କାରବାରର ଜାଲ ବିଛାଇ ନିରୀହ ଜମାକାରୀଙ୍କଠାରୁ ୬୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରାତାରାତି ହରିଲୁଟ୍ କରିନେଇଥିଲା। ଏହି ଦୁର୍ନୀତିର ତଦନ୍ତଭାର ସିବିଆଇ ନେଇ ଅଦ୍ୟାବଧି ତଦନ୍ତ ଜାରି ରଖିଛି। ଓଡ଼ିଶା ସମେତ ଦେଶର ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଛତିଶଗଡ, ଦିଲ୍ଲୀ, ଦେହରାଦୁନ, ଗୋଆ, ମଧ୍ୟପ୍ରଦେଶ, ମୁମ୍ବାଇ ଆଦି ୨୦ଟି ରାଜ୍ୟ ସମେତ ବିଦେଶର ନାଇଜେରିଆଠାରେ ନିଜ ଆର୍ଥିକ କାରବାର କରୁଥିବା ଏହି ଚିଟ୍‌ଫଣ୍ଡ ସଂସ୍ଥା ଉପରେ ପ୍ରଥମେ ଓଡ଼ିଶା ସରକାର ଚଢ଼ାଉ କରି ବେଆଇନ କାରବାର ଉପରେ ରୋକ ଲଗାଇଥିଲା। ରାଜ୍ୟର ବିଭିନ୍ନ ଥାନାରେ ଉକ୍ତ ସଂସ୍ଥା ବିରୋଧରେ ମାମଲା ରୁଜୁ କରାଯାଇଥିଲା। ତେବେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସୁପ୍ରିମ୍‌କୋର୍ଟ ୨୦୧୪ ମସିହାରେ ଏହି ଚିଟ୍‌ଫଣ୍ଡ ସଂସ୍ଥାର ତଦନ୍ତ ଦାୟିତ୍ୱ ସିବିଆଇର ସ୍ପେଶାଲ ଇନ୍‌ଭେଷ୍ଟିଗେଶନ ଟିମ୍ (ଏସଆଇଟି) ଦ୍ୱାରା ତଦନ୍ତ କରାଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟରେ ଉକ୍ତ ଚିଟ୍‌ଫଣ୍ଡ ସଂସ୍ଥା ବିରୋଧରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମାମଲା (ନଂ.୧୯/ଏସ/୨୦୧୪) ରୁଜୁ କରାଯାଇ ଅଭିଯୁକ୍ତ ଭାବେ ସଂସ୍ଥାର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ମୀର ସହିରୁଦ୍ଦିନ ଓରଫ୍ ଗୋରା, ନିର୍ଦ୍ଦେଶକ ଖାଲିକ ଶାହା, ମୀର ତହିରୁଦ୍ଦିନ ଓ ଆୟୁବ ଶାହା ସମେତ ମୀର ଜମିରୁଦ୍ଦିନ, ମୀର ସୟମତ ଓରଫ୍ କାଲୁ, ନୁରୁଲ ହୋସେନ୍, ଅସ୍‌ରଫ ତରଫଦ୍ଦାର, କେଶବାନନ୍ଦ ଦେ, ନବକିଶୋର ପରିଡ଼ା ପ୍ରମୁଖ ୧୦ଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଇ ସିବିଆଇ ତଦନ୍ତ ଆରମ୍ଭ କରିଥିଲା। ଇତିମଧ୍ୟରେ ପରିଚାଳନା ନିର୍ଦ୍ଦେଶକ ମୀର ସହିରୁଦ୍ଦିନଙ୍କୁ ଗତବର୍ଷ ଫେବୃୟାରୀ ୩ ତାରିଖରେ ଶୁକ୍ରବାର ସିବିଆଇ ଟିମ୍ କୋଲକାତାର ବିଷ୍ଣୁପୁର ଅଞ୍ଚଳରୁ ଗିରଫ କରିଥିଲେ। ସେ ଏବେ ଝାରପଡ଼ା ଜେଲରେ ଅଛନ୍ତି। ଅନ୍ୟ ନିର୍ଦ୍ଦେଶକ ଆୟୁବ ଶାହା ଏବେ ଛତିଶଗଡ଼ ରାଜ୍ୟ ରାୟପୁର ସେଣ୍ଟ୍ରାଲ ଜେଲରେ ଅଛନ୍ତି। ଅନ୍ୟ ନିର୍ଦ୍ଦେଶକ ଖାଲିକ ଶାହା ଓ ମୀର ତହିରୁଦ୍ଦିନ ଫେରାର ଅଛନ୍ତି।


ଜଳେଶ୍ୱରରେ ଠାରେ ଥିବା ଗ୍ରୀନ୍-ରେ ଚିଟ୍‌ଫଣ୍ଡ କାର୍ଯ୍ୟାଳୟ।

## ଅନ୍ଧାର ହେବାରୁ ମାଟିତଳୁ ଶବ ଖୋଳା ଅଧାରୁ ବନ୍ଦ

**ପଦ୍ମପୁର, ୪।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ନାୟକାଣିଡିହି ଥାନା ପୋଲିସ ମଙ୍ଗଳବାର ଅପରାହ୍ନରେ ବାସୁଦେବପୁର ବ୍ଲକ ଅନ୍ତର୍ଗତ ଜିଣାଦଣ୍ଡା ଗ୍ରାମକୁ ଯାଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମଶାଣିରେ ମାଟି ଖୋଳି ଏକ ମୃତଦେହ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲା। ଅନ୍ଧାର ହୋଇଯିବାରୁ ଉଦ୍ଧାର କାମ ଅଧାରୁ ବନ୍ଦ ରହିଛି। ପୋଲିସ ଘଟଣା ସ୍ଥଳକୁ ଜଗି ରହିଛି। ବୁଧବାର ସକାଳୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ପଠାଯିବ।

ପୋଲିସ ସୂଚନା ଅନୁଯାୟୀ, ମୃତକ ହେଲେ କାର୍ତ୍ତିକ ନାୟକ। ୧୨ ଦିନ ତଳେ ତାଙ୍କର ମୃତ୍ୟୁ ଘଟିଥିଲା। ୨୦୧୭ ଜୁଲାଇ ୩ ତାରିଖରେ ସେ ରାଜଘରପୋଖରୀ ବଜାରରେ ତାଙ୍କ କାଠ ଦୋକାନରେ ବସିଥିବା ବେଳେ ୨ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଆହତ ହୋଇ ସେ କଟକରେ ଚିକିତ୍ସାଧୀନ ଥିଲେ। ପରେ ସେ କୋମା ଅବସ୍ଥାକୁ ଚାଲିଯାଇଥିଲେ। ତାଙ୍କ ପୁଅ ରବୀନ୍ଦ୍ରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ. ୧୧୫/୧୭) ରୁଜୁ କରି ତଦନ୍ତ କରୁଥିଲା। କାର୍ତ୍ତିକଙ୍କ ବୟାନ ରେକର୍ଡ ହୋଇ ନ ପାରିବାରୁ ତଦନ୍ତ କାର୍ଯ୍ୟ ଆଗେଇ ପାରି ନ ଥିଲା। କୋମା ଅବସ୍ଥାରେ ଥିବା କାର୍ତ୍ତିକଙ୍କୁ ପରିବାର ଲୋକେ ପରେ ଘରକୁ ଆଣି ଚିକିତ୍ସା କରାଉଥିଲେ । ଗତ ୨୨ ତାରିଖରେ ତାଙ୍କର ମୃତ୍ୟୁ ହେବାରୁ ପୋଲିସକୁ ନ ଜଣାଇ ସେମାନେ ମୃତଦେହକୁ ମାଟିରେ ପୋତି ଦେଇଥିଲେ ବୋଲି ନାୟକାଣିଡିହୀ ଥାନା ଅଧିକାରୀ ରତିକାନ୍ତ ଗିରି କହିଛନ୍ତି।

## ୭ ବଖରା ଜଳିଗଲା

**ଖଇରା, ୪।୧୨ (ଡି.ଏନ.ଏ.)**

ଖଇରା ବ୍ଲକ କୁପାରୀ ପଞ୍ଚାୟତ ଅଧୀନ କବର ଗ୍ରାମରେ ମଙ୍ଗଳବାର ପ୍ରତ୍ୟୁଷରେ ଅଗ୍ନିକାଣ୍ଡ ଘଟି ନାରାୟଣ ମହାପାତ୍ରଙ୍କ ୭ ବଖରା ବାସଗୃହ ଭସ୍ମୀଭୂତ ହୋଇଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ୍ ଯୋଗୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଅ। ସ ବ। ବ ପ ତ୍ର, ଧାନଚାଉଳ ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବାର କୁହାଯାଉଛି। ଖବରପାଇ ଖଇରା ଦମକଳ କେନ୍ଦ୍ରର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଘାଟିରେ ଦୁର୍ଘଟଣା, ଜଣେ ମୃତ

**କେନ୍ଦୁଝର/ତେଲକୋଇ, ୪।୧୨ (ସ୍ୱ.ପ୍ର./ଡି.ଏନ.ଏ.):** ବୋରୱେଲ ଖୋଳିବାକୁ ଯାଉଥିବା ଏକ ଗାଡି ସୋମବାର ରାତିରେ କାଞ୍ଜିପାଣି ଘାଟିରେ ଓଲଟି ପଡିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଲେ ଛତିଶଗଡର ଧରମ ଯାଦବ(୨୩)। ଆହତଙ୍କ ଘର ଆନ୍ଧ୍ରପ୍ରଦେଶରେ। ସେମାନେ କେନ୍ଦୁଝରରେ ନଳକୂପ ଖନନ କାମ କରୁଥିଲେ। ଆହତମାନଙ୍କୁ ଜିଲା ମୁଖ୍ୟଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏସ୍. ସୁନ୍ଦରମ, ଦୀପକ କିଶପଟ୍ଟା, ବିବେକ ଯାଦବ, ବହରୁ ରାମବାଗ, ଆର୍‌ଏସ୍ ମୁଟ୍ଟୁ, ଘାସିରାମ ମହାନ୍ତ ଏବଂ କ୍ରିଷ୍ଣା ସିଦ୍ଧାର୍ଥ ନାମକ ୭ ଜଣ ଶ୍ରମିକ ଆହତ ହୋଇଛନ୍ତି। କାଞ୍ଜିପାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲା।

### ୨ ବାଲି ବୋଝେଇ ଟ୍ରାକ୍ଟର ଜବତ

**ଝୁମ୍ପୁରା, ୪।୧୨(ଡି.ଏନ.ଏ.):** ଚମ୍ପୁଆ ବାଲିବନ୍ଧ ଫରେଷ୍ଟ ଅନ୍ତର୍ଗତ ଘୁଣ୍ଟିପଶି ପାଖ ସଂରକ୍ଷିତ ଜଙ୍ଗଲରୁ ସୋମବାର ବିଳମ୍ବିତ ରାତ୍ରିରେ ବନ ବିଭାଗ ୨ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଛି। ଟ୍ରାକ୍ଟରରେ ବସିଥିବା ଶ୍ରମିକ, ଚାଳକ ଦ୍ୱୟ ଦୌଡି ପଳାଇଯାଇଛନ୍ତି। ବନ ବିଭାଗ କର୍ମଚାରୀ ଟ୍ରାକ୍ଟର ଦ୍ୱୟକୁ ଆଣି ବାଲିବନ୍ଧ ଫରେଷ୍ଟ କାର୍ଯ୍ୟାଳୟରେ ରଖିଛନ୍ତି। ଘୁଣ୍ଟିପଶି ପାଖ ସଂରକ୍ଷିତ ଜଙ୍ଗଲ ବିସ୍ତୃତ ଅଞ୍ଚଳରେ ୨ ନାଳ ପ୍ରବାହିତ ହେଉଛି। ସେହି ଅଞ୍ଚଳରେ ଚାରାରୋପଣ କରାଯାଇଛି। ନାଳ ଦ୍ୱୟରୁ ବହୁ ସମୟରେ ବେନିୟମ ବାଲି ଉଠାଣ ଏବଂ ଜଙ୍ଗଲରେ କାଠ ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବା ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ଏ ନେଇ ବାଲିବନ୍ଧ ଫରେଷ୍ଟର ବିଦ୍ୟାଧର ସାହୁଙ୍କୁ ପଚାରିବାରୁ ଚମ୍ପୁଆ କାର୍ଯ୍ୟାଳୟ କାମରେ ବ୍ୟସ୍ତ ଥିବାରୁ କେସ ରୁଜୁ ହୋଇ ପାରିନାହିଁ। ଟ୍ରାକ୍ଟର ଦ୍ୱୟର ମାଲିକଙ୍କ ନାମରେ ମାମଲା ରୁଜୁ ହେବ ବୋଲି ସେ କହିଛନ୍ତି।

### ପଳାଶପଙ୍ଗାରେ ଚଢ଼ାଉ, ମଦ ଜବତ

**କେନ୍ଦୁଝର, ୪।୧୨ (ସ୍ୱ.ପ୍ର.):** ସଦର ବ୍ଲକ ପଳାଶପଙ୍ଗା ଗ୍ରାମରେ ବେଆଇନ ମଦ କାରବାର ରୋକିବା ପାଇଁ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉରେ ସମୁଦାୟ ୩୦ ଲିଟର ଦେଶୀ ମଦ ଜବତ ହୋଇଛି। ୩ ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ମକରଧ୍ୱଜ ବର୍ଗେ ସୂଚନା ଦେଇଛନ୍ତି। ବିଷାକ୍ତ ମଦ ନେଲା ଜୀବନ ଓ ସଦର ବ୍ଲକ ଅଞ୍ଚଳରେ ବ୍ୟାପକ ବେଆଇନ ମଦ କାରବାର ଶୀର୍ଷକ ଧରିତ୍ରୀରେ ଖବର ସୋମବାର ପ୍ରକାଶ ପାଇବା ପରେ ଚୁପ ବସିଥିବା ଅବକାରୀ ବିଭାଗ ତତ୍ପରତା ଦେଖାଇ ଏଭଳି ଧରପଗଡ କରିଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି।

### ଯୁବତୀ ଅପହରଣ, ବାପପୁଅ ଗିରଫ

**ହାଟଡିହୀ, ୪।୧୨-** ସୋସୋ ଥାନା ପଢିଆରୀପଲ୍ଲୀ ଅଞ୍ଚଳର ଜଣେ ଯୁବତୀ ଅପହରଣ ଅଭିଯୋଗରେ ବାପପୁଅଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବାପା ମନ୍ମଥ ପାତ୍ର ଓ ପୁଅ ସଞ୍ଜୟ। ଗତ ଜୁନ୍‌ରେ ଜଣେ ଯୁବତୀ ଅପହରଣ ହୋଇଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅପହୃତାଙ୍କୁ ଉଦ୍ଧାର କରିଥିଲା ବୋଲି ଆଇଆଇସି ମୁକ୍ତିକାନ୍ତ କୁଲୁ କହିଛନ୍ତି।

# ବିନା ଯାଞ୍ଚରେ ଖଣିଜ ପରିବହନ

**ଯୋଡ଼ା, ୪।୧୨(ଡି.ଏନ.ଏ.)**


କାଳିମାଟିରେ ଥିବା ସରକାରୀ ଓଜନ କଣ୍ଟା।

- ସରକାରୀ ଓଜନ କଣ୍ଟାରେ ଲାଞ୍ଚ କାରବାର
- ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ଦାବି
- ଅସାଧୁ କର୍ମଚାରୀଙ୍କ ସମ୍ପୃକ୍ତି ଅଭିଯୋଗ

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ କାଳିମାଟିରେ ଥିବା ସରକାରୀ ଓଜନ କଣ୍ଟାରେ ଲାଞ୍ଚ ନେଇ ଖଣିଜ ପରିବହନ ହେଉଥିବା ଅଭିଯୋଗ ହେଉଛି। ବିନା ଯାଞ୍ଚରେ ଖଣିଜ ପରିବହନ ହେଉଛି। ବିନା ଓଜନରେ କେତେକ ଭାରିଯାନକୁ ଛାଡି ଦିଆଯାଉଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ମଙ୍ଗଳବାର ପ୍ରାୟ ୧ଟା ବେଳେ ଘଟଣାସ୍ଥଳରେ ଗଣମାଧ୍ୟମ ପହଞ୍ଚି ଯିବାରୁ ଘଟଣାକୁ ଲୁଚେଇବାକୁ କେତେକ କର୍ମଚାରୀ ପ୍ରୟାସ କରିଥିଲେ। ସରକାରୀ ଓଜନ କଣ୍ଟଟି ରାଜ୍ୟ ରାଜପଥ ନଂ ୨ କାଳିମାଟି ରାସ୍ତା କଡରେ ଅବସ୍ଥିତ। ଉକ୍ତ ରାସ୍ତା ଦେଇ ଶତାଧିକ ଖଣିଜ ବୋଝେଇ ଭାରିଯାନ ଲକ୍ଷସ୍ଥଳକୁ ଯିବା ବେଳେ ଉକ୍ତ ସରକାରୀ ଓଜନ କଣ୍ଟାରେ ପୁନର୍ବାର ଓଜନ ହୋଇଥାଏ। ଭାରିଯାନ ଗୁଡିକ ଓଜନ ପାଇଁ ନ ଯାଇ ରାସ୍ତା କଡରେ ଠିଆ ହେଉଛି। ଗାଡିର ହେଲପର ଚାଲାଣ ନେଇ ସରକାରୀ ଓଜନ କଣ୍ଟାର କର୍ମଚାରୀଙ୍କଠାରୁ ଦସ୍ତଖତ ଓ ଷ୍ଟାମ୍ପ ଲଗାଇ ଅନୁମତି ନେଇ ଚାଲିଯାଉଛନ୍ତି। ସରକାରୀ ଓଜନ କଣ୍ଟାରେ ଟ୍ରକ୍ ପିଛା ୧୦ ରୁ ୧୦୦ ଟଙ୍କା ଏବଂ ବାହାର ଅଞ୍ଚଳରୁ ଆସୁଥିବା ଟ୍ରକ୍ ଗୁଡିକରୁ ୫ ଶହ ଟଙ୍କା ପର୍ଯ୍ୟନ୍ତ ହାତଗୁଞ୍ଜା ଦେବାକୁ ପଡିଥାଏ ବୋଲି ଟ୍ରକ୍ ହେଲପର ଦୁଷ୍ମନ୍ତ ପ୍ରଧାନ, ମଧୁ ମୁଣ୍ଡା, ଦୀପକ ମୁଣ୍ଡା, ସୁଶାନ୍ତ ମହାନ୍ତ, ନାଗା ପ୍ରଧାନ ପ୍ରମୁଖ କହିଛନ୍ତି।

ଦୈନିକ ବିନା ଓଜନରେ ପ୍ରାୟ ୨ ଶହରୁ ଉର୍ଦ୍ଧ୍ୱ ଖଣିଜ ବୋଝେଇ ଭାରିଯାନ ଗନ୍ତବ୍ୟସ୍ଥଳକୁ ଯାଉଛି। ଯୋଡା ଖଣି ମଣ୍ଡଳରେ ୩ଟି ଓଜନ କଣ୍ଟା ରହିଛି। ସବୁ ଓଜନ କଣ୍ଟାରେ ଦୁର୍ନୀତି ଚାଲିଥିବା କେତେକ ଟ୍ରକ୍ ଡ୍ରାଇଭର ଓ ହେଲପର ସିଧାସଳଖ ଅଭିଯୋଗ କରିଛନ୍ତି। ଗତ ତା ୦୭।୦୮।୧୮ରେ ଧରିତ୍ରୀରେ ହାତଗୁଞ୍ଜାରେ ଖଣିଜ ପରିବହନ ଶୀର୍ଷକ ପ୍ରକାଶିତ ହେବା ପରେ ଖଣି ବିଭାଗ ତତ୍ପରତା ପ୍ରକାଶ କରିଥିଲା। ଖଣିବିଭାଗ ପକ୍ଷରୁ ଏହାର ଦୃଷ୍ଟାନ୍ତମୂଳକ ପଦକ୍ଷେପ ବାବଦରେ ଓଜନ କଣ୍ଟାର ସରକାରୀ କର୍ମଚାରୀଙ୍କୁ ଅଦଳବଦଳ କରାଯାଇଥିଲା। କିଛି ଦିନ ବ୍ୟବଧାନରେ ଏହି କାର୍ଯ୍ୟ ପୁଣି ଚାଲିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରାଗଲେ ଓଜନ କଣ୍ଟାରେ ହେଉଥିବା ବହୁ କୋଟି ଟଙ୍କାର ଲାଞ୍ଚ କାରବାର ପର୍ଦ୍ଦାଫାସ ହୋଇପାରନ୍ତ ବୋଲି ସ୍ଥାନୀୟ ଅଞ୍ଚଳରେ ମତପ୍ରକାଶ ପାଇଛି।

# ଚିକିତ୍ସା ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ

**କେନ୍ଦୁଝର, ୪।୧୨(ସ୍ୱ.ପ୍ର.)**

ଜିଲା ମୁଖ୍ୟଡାକ୍ତରଖାନାରେ ଚିକିତ୍ସା ଅବହେଳାରୁ ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ମହିଳାଙ୍କ ନାମ ଝୁନୁ ମୁଣ୍ଡା (୨୦)। ତାଙ୍କ ଘର ଘର ଶୁଆକାଟି ଅଞ୍ଚଳରେ। ସେ ବାପ ଘର କାଉଁରୀକଳାରେ ରହୁଥିଲେ। ସୋମବାର ଯନ୍ତ୍ରଣା ହେବାରୁ ତାଙ୍କୁ ଡାକ୍ତରଖାନା ଆଣା ଯାଇଥିଲା। ତାଙ୍କ ସହ ଆଶା କର୍ମୀ କାହିଁକି ଆସିଲେ ନାହିଁ ତାହାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ଆମ୍ବୁଲାନ୍ସ ନ ମିଳିବାରୁ ବହୁ କଷ୍ଟରେ ଅଟୋ ଭଡା କରି ଯୋଗେନ୍ଦ୍ର ମୁଣ୍ଡା ତାଙ୍କ ଗର୍ଭବତୀ ସ୍ତ୍ରୀଙ୍କୁ ଜିଲା ମୁଖ୍ୟଡାକ୍ତରଖାନାକୁ ରାତି ୨ଟା ୪୫ ମିନିଟରେ ଆଣିଥିଲେ। ଆଉଟଡୋରରେ ଟିକଟ କରି (ଟିକଟ ନମ୍ବର ୨୦୮୨) ୱାର୍ଡକୁ ନେଇଥିଲେ। ୱାର୍ଡରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାରେ ବିଳମ୍ବ ହେତୁ ମହିଳାଙ୍କ ମୃତ୍ୟୁ ହୋଇଥିବା ତାଙ୍କ ସ୍ୱାମୀ ମିଡିଆ ଆଗରେ ଅଭିଯୋଗ କରିଛନ୍ତି। ଏହାକୁ ଡାକ୍ତରଖାନା ପକ୍ଷରୁ ଅସ୍ୱୀକାର କରାଯାଇଛି। ଏ ନେଇ ଶିଶୁ ବିଶେଷଜ୍ଞ ଡାକ୍ତର ଅଜୟ ମହାନ୍ତି କହିଛନ୍ତି ଯେ, ରୋଗୀ ୱାର୍ଡକୁ ଆସିବା ବେଳକୁ ମୃତ୍ୟୁ ହୋଇଯାଇଥିଲା। ଚିକିତ୍ସାରେ ଅବହେଳା କରାଯାଇନାହିଁ। ଏ ନେଇ ସିଡିଏମଓ ଡାକ୍ତର ଚୌଧୁରୀ ସ୍ୱରୁପ ମିଶ୍ର କହିଛନ୍ତି, ଉକ୍ତ ରୋଗୀ ଆସିବା ବେଳକୁ ମୃତ୍ୟୁ ବରଣ କରିସାରିଥିଲେ।

# ଧାନକ୍ଷେତରୁ ନରକଙ୍କାଳ ଜବତ


ଜବତ ହୋଇଥିବା ନରକଙ୍କାଳ।

**ରାଇସୁଆଁ, ୪।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ଥାନା ରାଇସୁଆଁ ପେଟ୍ରୋଲ ପମ୍ପ ନିକଟ ଏକ ଧାନକ୍ଷେତରୁ ମଙ୍ଗଳବାର ସଦର ପୋଲିସ ନରକଙ୍କାଳ ଜବତ କରିଛି। ସ୍ଥାନୀୟ କେତେକ ଲୋକ ବିଲକୁ ଧାନ କାଟିବାକୁ ଯାଇଥିଲ। ସେଠାରେ ନରକଙ୍କାଳ ପଡ଼ିଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ନରକଙ୍କାଳକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା କଥା ଚର୍ଚ୍ଚା ହେଉଛି। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ସଦର ପୋଲିସ ସୂଚନା ଦେଇଛି।

# କଲେଜ ଛାତ୍ରାବାସରୁ ମୃତଦେହ ଜବତ

**କେନ୍ଦୁଝର, ୪।୧୨(ସ୍ୱ.ପ୍ର.)**

**ମାନସିକ ଚାପରେ ଥିଲେ**



ରାହୁଲ ଗୁପ୍ତାଙ୍କ ଫାଇଲ ଫଟୋ।

ସ୍ଥାନୀୟ ଘରୋଇ ଗୋନାସିକା ଯୁକ୍ତ ଦୁଇ କଲେଜର ଧାଙ୍ଗଡପଡ଼ାସ୍ଥିତ ଛାତ୍ରାବାସରୁ ସୋମବାର ରାତିରେ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ଛାତ୍ର ଜଣଙ୍କ ହେଲେ ବଡ଼ବିଲ ଅଞ୍ଚଳର ରାହୁଲ ଗୁପ୍ତା। ସେ କିଛି ଦିନ ହେଲା ମାନସିକ ଚାପରେ ଥିଲେ। ମାନସିକ ଯନ୍ତ୍ରଣା କାରଣରୁ ଆତ୍ମହତ୍ୟା କରିଥିବା ରାହୁଲଙ୍କ ବଡ଼ବାପା ଶଙ୍କର ପ୍ରସାଦ ଗୁପ୍ତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣା ଦିନ ଛାତ୍ରାବାସରେ ଆଉ କେତେକ ଛାତ୍ର ଥିଲେ। ସେମାନଙ୍କ ସହ ଆତ୍ମହତ୍ୟା ପୂର୍ବରୁ କଥାବାର୍ତ୍ତା ହେଉଥିବା ଫଟୋ ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି। ସେମାନେ କିଏ ଓ ଘଟଣା ବିଷୟରେ କଣ ଜାଣିଛନ୍ତି ସେ ନେଇ ପୋଲିସ ତଦନ୍ତ କରୁ ନ ଥିବାରୁ ପରିବାର ଲୋକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଣୁ ଏହାର ଉଚ୍ଚ ସ୍ତରୀୟ ତଦ' କରିବାକୁ ଦାବୀ ହେଉଛି।

ସୋମବାର କଲେଜ ଛାଡି ଛାତ୍ର କଲେଜଠାରୁ ପ୍ରାୟ ୪ କି.ମି. ଦୂର ଛାତ୍ରାବାସାକୁ ପଳାଇଆସିଥିଲେ। ସନ୍ଧ୍ୟାରେ ଛାତ୍ରାବାସାର ଅନ୍ୟ ପିଲାମାନେ ଫେରିଥିଲେ। ଉକ୍ତ କୋଠରି ରହୁଥିବା ଅନ୍ୟ ପିଲାମାନେ କବାଟ ଭିତର ପଟୁ ବନ୍ଦ ଥିବା ଦେଖି ଡାକିଥିଲେ। ସେତେବେଳେ ରାତି ପ୍ରାୟ ୮ଟା ହୋଇଥିଲା। କୌଣସି ଉତ୍ତର ନ ମିଳିବାରୁ ଛାତ୍ରମାନେ ସିକ୍ୟୁରିଟି ଗାର୍ଡଙ୍କ ସହାୟତାରେ କବାଟ ଭାଙ୍ଗି ଭିତରକୁ ପଶିଥିଲେ। ଝୁଲନ୍ତା ଅବସ୍ଥାରେ ରାହୁଲଙ୍କୁ ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ରାତି ଅଧରେ ଜଣେ ସମ୍ପର୍କୀୟଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରାଯାଇଥିଲା। ପରିବାର ଲୋକ ମଙ୍ଗଳବାର ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ମାନସିକ ଚାପ କାରଣରୁ ଏଭଳି ଆତ୍ମହତ୍ୟା କରିଥିବା ଅଭିଯୋଗ ପରେ କଲେଜ ପାଇଁ ସମସ୍ୟା ସୃଷ୍ଟି କରିଛି। ଏ ନେଇ ଥାନା ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳଙ୍କୁ ପଚାରିବାରୁ ମୃତକଙ୍କ ପରିବାର ପକ୍ଷରୁ ମାନସିକ ଚାପ କାରଣରୁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ନେଇ ତଦନ୍ତ କରାଯାଉଛି ବୋଲି ସେ କହିଛନ୍ତି।

# ସ୍ଲୋଗାନରେ ଶେଷ ଏଡ୍‌ସ ନିରାକରଣ

**କେନ୍ଦୁଝର, ୪।୧୨(ସ୍ୱ.ପ୍ର.)**

ଖଣିଖାଦାନ ସମୃଦ୍ଧ ଓ ଆଦିବାସୀ ବହୁଳ କେନ୍ଦୁଝର ଜିଲାରେ ଏଡ଼ସର ଭୟାଭୟତା ବୃଦ୍ଧି ପାଉଛି। ଏଡ଼ସ ନିରାକରଣ ପାଇଁ ଜିଲା ମୁଖ୍ୟାଳୟରେ ସଚେତନତା ରାଲି କରି କାର୍ଯ୍ୟ ଶେଷ କରାଯାଉଛି। ସମ୍ବେଦନଶୀଳ ଖଣିଖାଦାନ ଅଞ୍ଚଳ କିମ୍ବା ରାସ୍ତା କଡ ଢାବା, ଟ୍ରକ୍ ପାର୍କିଂ ଆଦି ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ସଚେତନତା ପାଇଁ ବହୁ ଅର୍ଥ ଖର୍ଚ୍ଚ ହେଉଛି। ବାସ୍ତବରେ ସେସବୁ କାଗଜପତ୍ରରେ ସୀମିତ ରହୁଛି। ଏଡ଼ସ ଭଳି ଭୟାଭୟ ରୋଗ ରୋକାଯାଇପାରୁନାହିଁ ବୋଲି ମତ ପ୍ରକାଶ ପଡଛି।

ଜିଲାରେ ୨୦୦୬ରୁ ୨୦୦୮ (ଅକ୍ଟୋବର) ପର୍ଯ୍ୟନ୍ତ ସମୁଦାୟ ୫୬୭ ରୋଗୀଙ୍କ ରକ୍ତ ନମୂନାରେ ଏଚଆଇଭି ଜୀବାଣୁ ଥିବା ଚିହ୍ନଟ ହୋଇଛି। ସେଥିରୁ ୩୨୫ ପୁରୁଷ ଓ ୨୪୨ ମହିଳା ରହିଛନ୍ତି। ତନ୍ମଧ୍ୟରୁ ୩୫ ଗର୍ଭବତୀ ମହିଳା ଥିବା ଜଣାପଡ଼ିଛି। ଜିଲାରେ ୮୨ ଜଣଙ୍କ ମୃତ୍ୟୁ ହୋଇ ସାରିଛି। ଆକ୍ରାନ୍ତ ହୋଇଥିବା ରୋଗୀଙ୍କ ମଧ୍ୟରୁ ୪୭୯ ଜଣ ଔଷଧ ନେଉଛନ୍ତି। ୨୦୧୮ ଅକ୍ଟୋବର ସୁଦ୍ଧା ୧୬,୮୫୧ ଜଣଙ୍କ ରକ୍ତ ସଂଗ୍ରହ କରି ପରୀକ୍ଷା କରାଯାଇଥିଲା। ସେଥିରୁ ୫୭ ଜଣଙ୍କ ରକ୍ତରେ ଏହି ଜୀବାଣୁ ମିଳିଥିଲା। ୨୦୧୭ରେ ୫୮ ଜଣଙ୍କ ରକ୍ତରେ ଏଚଆଇଭି ଜୀବାଣୁ ମିଳିଥିଲା। ୨୦୧୬ରେ ଏହି ସଂଖ୍ୟା ୬୪ ଥିଲା। ଏଚଆଇଭି ଆକ୍ରାନ୍ତ ରୋଗୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ମାଗଣା ଘର, ମାସିକ ଭତ୍ତା, ଔଷଧ, ଗ୍ରସ୍ତ ଖର୍ଚ୍ଚ ଆଦି ବ୍ୟବସ୍ଥା ରହିଛି। ଅନେକ ସେସବୁ ସୁବିଧା ପାଉ ନ ଥିବା ଅଭିଯୋଗ ହେଉଛି।

# ନିମ୍ନମାନର କାମକୁ ନେଇ ଚିନ୍ତା

**କେନ୍ଦୁଝର, ୪।୧୨(ସ୍ୱ.ପ୍ର.)**

ରିମୁଳିଠାରୁ ରାଜାମୁଣ୍ଡା ପର୍ଯ୍ୟନ୍ତ ୨୦ ନମ୍ବର ଜାତୀୟ ରାଜପଥର ସୁଦୃଢ଼ିକରଣ କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉପଯୁକ୍ତ ତଦାରଖ ଅଭାବରୁ ପୂର୍ବରୁ ପାଣିକୋଇଲିଠାରୁ ରିମୁଳି ପର୍ଯ୍ୟନ୍ତ ହୋଇଥିବା ୨୦ ନମ୍ବର ଜାତୀୟ ରାଜପଥର ଅବସ୍ଥା ପୁନରାବୃତ୍ତି ହେବ ବୋଲି ମତ ପ୍ରକାଶ ପାଉଛି। ରିମୁଳି-କୋଇଡା ରାସ୍ତା କାମରେ ବ୍ୟବହୃତ ନିମ୍ନମାନର ମେଟାଲକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଉରକେଲାଠାରେ ଥିବା ଜାତୀୟ ରାଜପଥ ପ୍ରାଧୀକରଣର ପ୍ରକଳ୍ପ ଅଫିସ ଅଧୀନରେ ଉକ୍ତ କାମ ଚାଲିଛି। ବହୁ ଦୂରରେ ଅଫିସ ଥିବାରୁ ତଦାରଖ ଠିକ ଭାବେ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ମାଟିଯୁକ୍ତ ନିମ୍ନମାନ ମେଟାଲ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି।

ଉକ୍ତ ରାସ୍ତାରେ ଦୈନିକ ବହୁ ଲୁହାପଥର ବୋଝେଇ ଟ୍ରକ୍ ତଥା ଅନ୍ୟ ଭାରୀଯାନ, ଟ୍ରଲର ଆଦି ଯାତାୟାତ କରୁଛି। ଠିକ ମାନର ମେଟାଲ ବ୍ୟବହାର କରି କାମ କରା ନ ଗଲେ ପାଣିକୋଇଲି-ରିମୁଳି ରାଜପଥର କାମ ପରି ହୋଇଯିବ ବୋଲି ମତ ପ୍ରକାଶ ପାଉଛି। ରାସ୍ତା କାମ ବିଳମ୍ବ ହେଉଥିବାରୁ ଦିନ ବେଳା ନିଷେଧ ସତ୍ତ୍ୱେ ଟ୍ରକ୍ ଚଳାଚଳ କରୁଥିବାରୁ ଯାତାୟାତ ଅସୁରକ୍ଷିତ ହୋଇପଡିଛି ବୋଲି ପୂର୍ବତନ ଜିଲା ପରିଷଦ ସଦସ୍ୟ ଅମରବର ଖଟୁଆ କହିଛନ୍ତି। ନିମ୍ନମାନର ଅର୍ଥାତ ଧଳା ମେଟାଲ ବ୍ୟବହାର ଯୋଗୁଁ ପାଣିକୋଇଲି-ରିମୁଳି ରାସ୍ତାର ଅନେକ ସ୍ଥାନ ଦବି ଯାଇ ଭାଙ୍ଗି ଗଲାଣି। ଦୁର୍ଘଟଣା ଘଟି ବହୁ ଧନିଜୀବନ ହାନୀ ହୋଇ ସାରିଛି ବୋଲି ସାମାଜିକ କର୍ମୀ ସନ୍ତୋଷ ମହାପାତ୍ର କହିଛନ୍ତି। ଜାତୀୟ ରାଜପଥର ରାଉରକେଲା ପ୍ରକଳ୍ପ ନିର୍ଦ୍ଦେଶକ ସୌରଭ ଚୌରାଶିଆ କହିଛନ୍ତି ଯେ, ରାସ୍ତାର ବ୍ୟୟଅଟକଳ ପାଖାପାଖି ୧୫ ଶହ କୋଟି। କାମ ଠିକ ଭାବେ ଯାଞ୍ଚ କରାଯାଉଛି। ମେଟାଲର ମାନ ନିମ୍ନମାନ ହୋଇଥିଲେ ଏକ ଟିମ ଯାଇ ଯାଞ୍ଚ କରିବ।

# ଭୋକରେ ଫେରିଲେ ଦିବ୍ୟାଙ୍ଗ

**ଝୁମ୍ପୁରା, ୪।୧୨(ଡି.ଏନ.ଏ.)**


ହ୍ୱିଲ ଚେୟାର ନ ପାଇ ଫେରୁଥିବା ବାପାଙ୍କ ସହ ଗୋଲକ(ଡାହାଣ)।

ଆୟୋଜିତ ଆର୍ନ୍ତଜାତିକ ଭିନ୍ନକ୍ଷମ ଦିବସରେ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଝୁମ୍ପୁରା ଗୋଷ୍ଠୀ ସାଧନ କେନ୍ଦ୍ରରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ନେଇ ଏହି ଦିବସ ପାଳିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବହୁ ଦୂରରୁ ଆସିଥିବା କେତେକ ଭିନ୍ନକ୍ଷମ ଅଣଦେଖାର ଶିକାର ହୋଇଥିବା ଅଭିଯୋଗ ହୋଇଛି। ସେମାନେ ଭୋକରେ ଘରକୁ ଫେରିଥିବା ଚର୍ଚ୍ଚା ହେଉଛି। ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭିନ୍ନକ୍ଷମଙ୍କୁ ସାଇକେଲ ସହ ହ୍ୱିଲ ଚେୟାର, ଆଶାବାଡି, ୱାକିଙ୍ଗ ଷ୍ଟିକ ବଣ୍ଟନର କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପାଟଣା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହୃଷିକେଶ ନାଏକ, ସଦର ବିଧାୟକ ଅଭିରାମ ନାଏକଙ୍କ ସହ ବିଡିଓ ଜୟଶ୍ରୀ ବେଉରା, ବ୍ଲକ ଅଧକ୍ଷ ସୁଶାନ୍ତ ନାଏକ ଯୋଗ ଦେଇଥିଲେ। ଦୂରଦୁରାନ୍ତରୁ ଅନ୍ୟର ସାହାଯ୍ୟ ନେଇ ଆସିଥିବା ଭିନ୍ନକ୍ଷମଙ୍କ ପାଇଁ ରନ୍ଧା ଖାଦ୍ୟପେୟର ବ୍ୟବସ୍ଥା କରାଯାଇ ନ ଥିଲା। ଅଳ୍ପ କିଛି ଜଳଖିଆର ବ୍ୟବସ୍ଥା କରାଯାଇଥିବାରୁ ଅନେକଙ୍କୁ ଭୋକରେ ଫେରିଥିବା ଅଭିଯୋଗ ହୋଇଛି।

ଖେଣ୍ଡରା ପଞ୍ଚାୟତର ଭିନ୍ନକ୍ଷମ ମଧୁସୂଦନ ନାଏକଙ୍କ (୭୪) ସହ ଜଙ୍ଗଲାଞ୍ଚଳରେ ଅବସ୍ଥିତ ସାନଯୋଡା ଅଞ୍ଚଳର ଭିନ୍ନକ୍ଷମ ଯୁବକ ଗୋଲକ ନାଏକ (୨୨)ଙ୍କୁ ଜଳଖିଆ ଦିଆ ଯାଇ ନ ଥିଲା। ଆଶାବାଡି କିମ୍ବା ହ୍ୱିଲ ଚେୟାର ଖଣ୍ଡିଏ ମଧ ମିଳିଲା ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଝୁମ୍ପୁରାର ପ୍ରଭାକର ବେହେରାଙ୍କୁ କିଛି ମିଳି ନ ଥିବା ବେଳେ ଶତକଡା ୭୦ ଭାଗ ଭିନ୍ନକ୍ଷମ ଥିବା ବିଶ୍ୱଜିତ ନାଏକଙ୍କୁ ହୁଇଲ ଚେୟାର ବଦଳରେ ୱାକିଙ୍ଗ ଷ୍ଟିକ ମିଳିଛି। ସୂଚନା ଅଭାବରୁ ବହୁ ଭିନ୍ନକ୍ଷମ କାର୍ଯ୍ୟକ୍ରମକୁ ଆସି ପାରି ନାହାନ୍ତି। କେତେ ଜଣ ପଞ୍ଚାୟତ ସ୍ତରୀୟ ପ୍ରତିନିଧିଙ୍କୁ ମଧ ସୂଚନା ଦିଆଯାଇ ନ ଥିବା ୧୬ ନଂ ଜିଲା ପରିଷଦ ସଦସ୍ୟ ସୋମନାଥ ମୁଣ୍ଡା ଏବଂ ୧୭ ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା କହିଛନ୍ତି। ଏ ନେଇ ଝୁମ୍ପୁରା ବିଡିଓ ଜୟଶ୍ରୀ ବେଉରା, ଏସଇଓ ପଦ୍ମଲୋଚନ ବେହେରାଙ୍କ ସହ ଯୋଗାଯୋଗ ହୋଇ ପାରିନାହିଁ।

# ବେପାରୀଙ୍କ ଉପରେ ଚଢ଼ିଗଲା କାର୍

**ପାଟଣା, ୪।୧୨(ସ୍ୱ.ପ୍ର.)**

ପାଟଣା ଥାନା ସାହାରପଡା ବ୍ଲକ ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ରାସ୍ତା କଡ଼ରେ ବସି ପରିବା ବିକୁଥିବା ୩ ବେପାରୀଙ୍କୁ ଉପରେ ଏକ କାର ମାଡି ଯାଇଛି। ସେମାନେ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସାହାରପଡା ବ୍ଲକ ଦୁବେଇ ପେଣ୍ଠ ଗ୍ରାମର ଜଗବନ୍ଧୁ ନାଏକ ଓ ଯୋଗେନ୍ଦ୍ର ନାଏକ ଓ ଗୋରାଣ୍ଡିଯୋଡି ଗ୍ରାମର ରେବତୀ ନାଏକ। କରଞ୍ଜିଆରୁ ସହାରାପଡା ଆସିଥିବା ଏକ କାର ସାହାରପଡା ହନୁମାନ ମୂର୍ତ୍ତି ନିକଟରେ ଭାରସାମ୍ୟ ହରାଇ ପରିବା ବିକାଳୀଙ୍କ ଉପରେ ଚଢ଼ିଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଦୁର୍ଘଟଣା ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିଲା। ୨ଶହରୁ ଉର୍ଦ୍ଧ୍ୱ ଲୋକ କ୍ଷତିପୂରଣ ଦାବିରେ ସାହାରପଡ଼ା ଫାଣ୍ଡି ସମ୍ମୁଖର ୨୨୦ ନମ୍ବର୍ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫାଣ୍ଡି ଅଧିକାରୀ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବୋରାଧ ହଟିଥିଲା।

# ରକ୍ତଦାନ ପାଇଁ ସଚେତନତା ରାଲି

**ଯୋଡ଼ା, ୪।୧୨(ଡି.ଏନ.ଏ.)**

ଯୋଡ଼ା ମହିଳା ମହାବିଦ୍ୟାଳୟ ପକ୍ଷରୁ ରକ୍ତଦାନଲାଗିଜନସଚେତନତାକାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ମହିଳା ମହାବିଦ୍ୟାଳୟଠାରୁ ଅଧ୍ୟାପିକାଅଧ୍ୟାପକଙ୍କ ତତ୍ତ୍ୱାବଧାନରେ ଶତାଧିକ ଛାତ୍ରୀ ପଦଯାତ୍ରାରେ ବାହାରି ଯୋଡ଼ା ସହର ପରିକ୍ରମା କରିଥିଲେ। ରକ୍ତଦାନ ସମ୍ପର୍କରେ ଲୋକଙ୍କୁ ସଚେତନତା କରିଥିଲେ। ବୁଧବାର ଯୋଡା ମହିଳା ମହାବିଦ୍ୟାଳୟରେ ହେବାକୁଥିବା ରକ୍ତଦାନ ଶିବିରରେ ରକ୍ତଦାନ କରିବା ପାଇଁ ସଚେତନତା କରାଯାଇଥିଲା।



ଛାତ୍ରୀମାନେ ସଚେତନତା ରାଲିରେ ଯାଉଛନ୍ତି।

ପଦଯାତ୍ରାରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡ୍‌କ୍ରସ୍ ସଂସ୍ଥା ଏବଂ ରେଡ୍ ରିବନ୍ କ୍ଲବ ସମେତ ଏନ୍‌ସିସିର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ବୁଧବାର ରେଡ଼୍‌କ୍ରସ୍ ପକ୍ଷରୁ ମହିଳା ମହାବିଦ୍ୟାଳୟରେ ରକ୍ତଦାନ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅତୀତରେ ରକ୍ତଦାନ ଶିବିର ପାଇଁ ମହିଳା ମହାବିଦ୍ୟାଳୟ ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିବା ରେଡକ୍ରସର ସଦସ୍ୟ ପବିତ୍ର ମୋହନ କର ଓ ଐଶ୍ୱର୍ଯ୍ୟା ମୟୀ ପାତ୍ର ସୂଚନା ଦେଇଛନ୍ତି।

# ଜମି ଚିହ୍ନଟରେ ସୀମିତ ନିର୍ମାଣ କାର୍ଯ୍ୟ

**ଆନନ୍ଦପୁର, ୪।୧୨(ସ୍ୱ.ପ୍ର)**

**ଅସୁବିଧା ଭୋଗୁଛନ୍ତି ବିଇଡି ଛାତ୍ରୀଛାତ୍ର**



ବିଇଡି କଲେଜ ପାଇଁ ଚିହ୍ନଟ ହୋଇଥିବା ଜାଗା।

କେନ୍ଦୁଝର ଜିଲାରେ ଏକ ମାତ୍ର ସରକାରୀ ବିଇଡି କଲେଜ ଆନନ୍ଦପୁର ପୌରପରିଷଦର ଫକୀରପୁରଠାରେ ରହିଛି। ୩୦ ଡିସିମିଲ୍ ଜାଗାରେ କଲେଜ ଚାଲିଛି। ବହୁ ଦୂର ଦୁରାନ୍ତରୁ ଶିକ୍ଷକମାନେ ଯୋଗ୍ୟତା ଭିତିରେ ନାମ ଲେଖାଇ ଟ୍ରେନିଂ ନେବାକୁ ଆସୁଛନ୍ତି। ଏନ୍‌ସିଟିଇ ପକ୍ଷରୁ ଦୁଇ ବର୍ଷିଆ ଶିକ୍ଷକ ଟ୍ରେନିଂ କଲେଜର ସିଟ୍ ସଂଖ୍ୟା ୫୦ରୁ ୧୦୦କୁ ବୃଦ୍ଧି ପାଇଛି। ଦୀର୍ଘ ବର୍ଷର କଲେଜର ଭିତ୍ତିଭୂମି ବିକାଶ ହୋଇପାରୁନି। ଏନସିଟିଇ ନିୟମ ଅନୁସାରେ ବିଇଡି କଲେର ଆବଶ୍ୟକ ସଂଖ୍ୟା ଶ୍ରେଣୀ ଗୃହ, ଲାଇବ୍ରେରୀ, କନଫରେନସ୍ ହଲ, ଛାତ୍ରୀଛାତ୍ର ନିବାସ, ସ୍ୱତନ୍ତ୍ର ଫାଇଖାନାର ବ୍ୟବସ୍ଥା ଭଳି ଭିତ୍ତିଭୂମିର ଅଭାବ ରହିଛି। ଦୀର୍ଘ ଦୁଇ ବର୍ଷ ତଳୁ ଫକୀରପୁର ଛାକଠାରେ ୨ ଏକର ୭୫ ଡିସିମିଲ୍ ଜାଗା ଚିହ୍ନଟ ହୋଇରହିଛି। ଅଦ୍ୟାବଧି ଚିହ୍ନଟ ଜମି ସମ୍ପୃକ୍ତ ବିଇଡି କଲେଜ ନାମରେ ପଟ୍ଟାଭୁକ୍ତ ହୋଇପାରିନି। ଚିହ୍ନଟ ଜମି କ୍ରମସଃ ଜବରଦଖଲ କବଜାକୁ ଯିବାକୁ ବସିଛି। ଭିତ୍ତିଭୂମିର ବିକାଶ ପାଇଁ ଉଦ୍ୟମ କରାଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କଲେଜର ଅଧକ୍ଷ ଡ. ଶ୍ରୀକାନ୍ତ ପାଇକରାୟ କହିଛନ୍ତି ଯେ, ବର୍ଷେ ହେବ କଲେଜର ଅଧକ୍ଷ ଭାବେ ଦାୟିତ୍ୱ ନେଇଛି। ସାଧାରଣ ପାନୀୟ ଜଳର ବ୍ୟବସ୍ଥା ମଧ ଠିକ୍ ନ ଥିଲା। ବିଇଡି କଲେଜ ଭିତ୍ତିଭୂମି ବିକାଶ ପାଇଁ ଆସିଥିବା ଦୁଇ କୋଟି ଟଙ୍କା ଅନୁଦାନ ଆନନ୍ଦପୁର ଆର ଏଣ୍ଡ ବି ବିଭାଗକୁ ହସ୍ତାନ୍ତର କରାଯାଇଛି। ଉକ୍ତ କାର୍ଯ୍ୟ କିପରି ତ୍ୱରାନ୍ୱିତ ହୋଇପାରିବ ସେଥିପାଇଁ ଉଦ୍ୟମ କରାଯାଉଛି। ବିଭାଗୀୟ ଏସଡିଓ ସମୀର କୁମାର ଅଧିକାରୀ କହିଛନ୍ତି ଯେ, ବିଇଡି କଲେଜ ନୂତନ ଗୃହ ନିର୍ମାଣ ପାଇଁ ଟେଣ୍ଡର କାର୍ଯ୍ୟ ଶେଷ ହୋଇ ଠିକାଦାରଙ୍କ ସହିତ ଚୁକ୍ତିନାମା ଶେଷ ହୋଇଛି। ଖୁବ୍ ଶିଘ୍ର ଏହାର ଶିଳାନ୍ୟାସ ପର୍ବ ଶେଷ କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ।